| 24 Month | **Stage Five: (FPO establishment stage)**<br>(i) Physical establishment of FPO<br>(ii) CB & inputs need assessment<br>(iii) Strengthening FPO – providing services for system development (Operating System, MIS, HR),<br>(iv) Business Planning Exercise Market Linkages for Produce<br>(v) Interface with buyers/ marketers<br>(vi) Increasing FPO's equity though matching grants from SFAC | (i) FPOs established, office/outlets opened<br>(ii) FPO/Collective/ Aggregation Structure Placed<br>(iii) FIG members deposited their share money<br>(iv) Certificate of FPO incorporation awarded<br>(v) 1st General Body Meeting conducted within 90 days of incorporation<br>(vi) FPOs have formally applied to SFAC for equity matching grants<br>(vii) FPOs successfully passed in due diligence report prepared by Charter Accountants and submitted to SFAC | (i) Minutes of meeting FIG subscription to FPO/ collective<br>(ii) Registration & Compliances<br>(iii) Business Plan with key business processes<br>(iv) List of buyers consulted, meeting report & outcome (MoU on price, volume and grading<br>(v) Minutes of BoDs register<br>(vi) Due diligence report submitted to SFAC and matching grant released to FPOs | 10% |
| 30 Month | **Stage Six:**<br>(i) Implementation of business plan of FPO | Business Plan<br>(i) Min 25% business activities executed as per plan<br>(ii) Statutory Clearance obtained required to carry out business activities<br>(iii) Operating System grounded<br>(iv) Minimum 10% target farmers accessed improved agriculture services including better access to market | (i) Business Plan – including financing plan<br>(ii) Regulatory approvals for FPO activities<br>(iii) Certificates from concern apartments obtained<br>(iv) Farmers Field Book (FFB)<br>(v) Increased business turnover of FPOs and reflected in MIS and Balance sheet<br>(vi) Pre project ends report) | 20% |
| 36 Months | **Stage Seven : Phase-out Systems for post-project sustainability** | (i) Agreement executed between RI & LPO for longterm support<br>(ii) BoDs passed resolution for long term agreement<br>(iii) FPCs & shareholders have started getting income from the business activities and showing growth track<br>(iv) FPOs are regular in BoD meetings, AGM, internal Audits and Statutory Audits with minimum deviation | (i) Copy of Agreement<br>(ii) Minutes of BoD Register<br>(iii) FPCs balance sheet<br>(iv) BoD, AGM registers and Satisfactory Reports of Auditors<br>(v) Project ends report | 20% |

| ସମୟରେଖା | କାର୍ଯ୍ୟକଳାପ | ଅର୍ପଣଯୋଗ୍ୟ କାର୍ଯ୍ୟାବଳୀ | ଯାଞ୍ଚର ମାଧ୍ୟମ | ମୋଟ୍ ଦେୟର ଶତକଡ଼ା ଦେୟ |
|---|---|---|---|---|
| ୧୮ ମାସ | **ସ୍ତର ଚାରି : ଏଫ୍‌ପିଓ ଗଠନ ସ୍ତର**<br>(୧) ଏଫ୍‌ଆଇଜି ଦ୍ୱାରା ଏଫ୍‌ପିଓ ଅଭିବୃଦ୍ଧିକାରୀ ଚିହ୍ନଟକରଣ<br>(୨) ଏଫ୍‌ପିଓ ଗଠନ ପାଇଁ ଆବଶ୍ୟକୀୟ ଆଇନସିଦ୍ଧ ପ୍ରକ୍ରିୟାର ପ୍ରାରମ୍ଭ ଯେପରି ସ୍ଥାୟୀ ଗଣନା ସଂଖ୍ୟା (ପିଏଏନ୍), ନିର୍ଦ୍ଦେଶକ ଚିହ୍ନଟ ସଂଖ୍ୟା (ଡ଼ିଅାଇଏନ୍) ଇତ୍ୟାଦି ପ୍ରାପ୍ତ କରିବା<br>(୩) ନୂତନ ବଳକା ଉତ୍ପାଦନ ପଦ୍ଧତି ଓ ୨ୟ ଶସ୍ୟ ଚକ୍ରରେ କୃଷକମାନଙ୍କର ସ୍ଥିରତା<br>(୪) ଏଫ୍‌ପିଓରେ ଯୋଗ ଦେବା ପାଇଁ ଇଚ୍ଛା କରୁଥିବା ଏଫ୍‌ଆଇଜି ସଦସ୍ୟମାନଙ୍କର ଅନ୍ତିମ ତାଲିକା ଓ ଭାଗ ଅର୍ଥ ସଂଗ୍ରହ ଆରମ୍ଭ<br>(୫) ସଦସ୍ୟ ଗ୍ରହଣ ପ୍ରକ୍ରିୟା ଜାରୀ, ବାଇଲ (ଅଧିନିୟମ)/ଏମ୍‌ଓଏ (ମେମୋରଣ୍ଡମ ଅଫ ଏସୋସିଏସନ୍)/ଏଓଏ (ଆର୍ଟିକଲ ଅଫ ଏସୋସିଏସନ)ର ରୂପରେଖ ପ୍ରସ୍ତୁତି ଏଫ୍‌ପିଓର ଅନ୍ତର୍ଭୁକ୍ତୀକରଣ<br>(୬) ଏଫ୍‌ପିଓ ବିଷୟରେ ଏଫ୍‌ଆଇଜି ସଦସ୍ୟ ଅଭିବୃଦ୍ଧିକାରୀଙ୍କ ତାଲିମ୍ | (୧) ପ୍ରକଳ୍ପ ବିଷୟରେ କୃଷକମାନଙ୍କ ପୃଷ୍ଠପୋଷକତା ପ୍ରଦର୍ଶନ (୭୦% କୃଷକ ପୁନରାବୃତ୍ତି)<br>(୨) ଏକତ୍ରୀକରଣ ବ୍ୟବସ୍ଥା (ଏଫ୍‌ପିଓ) ପ୍ରତିଷ୍ଠିତ<br>(୩) ୭୫୦ ଜଣ କୃଷକଙ୍କ ଅଂଶଧନ ସଂଗୃହିତ<br>(୪) ବଜାର ପ୍ରବେଶ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା<br>(୫) କୃଷକମାନଙ୍କ ପାଇଁ ତାଲିମ୍ କାର୍ଯ୍ୟକ୍ରମ କରାଗଲା | (୧) ପ୍ରଦର୍ଶନ କୃଷକମାନଙ୍କର ତାଲିକା<br>(୨) କୃଷକ ଦଳ ଓ ସହଯୋଗୀ ସ୍ତର ସଭାର ବିବରଣୀ, ଫଟୋ<br>(୩) ଅଂଶୀଦାରମାନଙ୍କ ତାଲିକା | ୧୦% |
| ୨୪ ମାସ | **ସ୍ତର ପାଞ୍ଚ : (ଏଫ୍‌ପିଓ ସ୍ଥାପନା ସ୍ତର)**<br>(୧) ଏଫ୍‌ପିଓର ଭୌତିକ ସ୍ଥାପନ<br>(୨) ଦକ୍ଷତା ବୃଦ୍ଧି, ଉତ୍ପାଦନ ସାମଗ୍ରୀ ଆବଶ୍ୟକତା ମୂଲ୍ୟାଙ୍କନ<br>(୩) ଏଫ୍‌ପିଓର ସୁଦୃଢୀକରଣ – ପଦ୍ଧତି ବିକାଶ ପାଇଁ (କାର୍ଯ୍ୟକାରୀ ପଦ୍ଧତି, ଏମ୍‌ଆଇଏସ(ପ୍ରବନ୍ଧ ସୂଚନା ପ୍ରଣାଳୀ), ଏଚ୍‌ଆର(ମାନବ ସମ୍ବଳ) ସେବା ଯୋଗାଇଦେବା ।<br>(୪) ବ୍ୟବସାୟ ଯୋଜନା ଅଭ୍ୟାସ, ଉତ୍ପାଦ ନିମନ୍ତେ ବଜାର ସଂଯୋଗୀକରଣ<br>(୫) କ୍ରେତା/ବିକ୍ରେତାଙ୍କ ମଧ୍ୟରେ ମୁହାଁ ମୁହିଁ ଯୋଗାଯୋଗ<br>(୬) ଏସ୍‌ଏଫ୍‌ଏସିରୁ ସମତୁଲ୍ୟ ଅନୁଦାନମାଧ୍ୟମରେ ଏଫ୍‌ପିଓର ଅଂଶଧନ ବୃଦ୍ଧି କରିବା | (୧) ଏଫ୍‌ପିଓ ସ୍ଥାପିତ, କାର୍ଯ୍ୟାଳୟ/ବିକ୍ରୟ କେନ୍ଦ୍ର ଖୋଲାଗଲା<br>(୨) ଏଫ୍‌ପିଓ / ଏକତ୍ରୀକରଣ / ସମୂହ / ଆକାର ସ୍ଥିରୀକୃତ ହେଲା<br>(୩) ଏଫ୍‌ଆଇଜି ସଦସ୍ୟଗଣ ସେମାନଙ୍କ ଅଂଶଧନ ଜମା କଲେ<br>(୪) ଏଫ୍‌ପିଓ ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର ପ୍ରଦତ୍ତ ହେଲା<br>(୫) ଅନ୍ତର୍ଭୁକ୍ତୀକରଣର ୯୦ ଦିନ ମଧ୍ୟରେ ପ୍ରଥମ ସାଧାରଣ ସଭା କରାଗଲା<br>(୬) ସମତୁଲ୍ୟ ଅନୁଦାନ ନିମନ୍ତେ ଏଫ୍‌ପିଓ ଆନୁଷ୍ଠାନିକ ଭାବରେ ଏସ୍‌ଏଫ୍‌ଏସିକୁ ଆବେଦନ କଲେ<br>(୭) ଚାଟାର୍ଡ଼ ଏକାଉଣ୍ଟାଣ୍ଟ ଦ୍ୱାରା ପ୍ରସ୍ତୁତ ଯଥାର୍ଥ ଉଦ୍ୟମ ବିବରଣୀ ଏଫ୍‌ପିଓଦ୍ୱାରା ସଫଳ ଭାବରେ ଅନୁମୋଦନ କରାଗଲା ଏବଂ ଏସ୍‌ଏଫ୍‌ଏସିକୁ ସମର୍ପିତ କରାଗଲା | (୧) ସଭାର ବିବରଣୀ, ଏଫ୍‌ପିଓ / ସମୂହ ପ୍ରତି ଏଫ୍‌ଆଇଜି ଚାନ୍ଦା<br>(୨) ପଞ୍ଜୀକରଣ ଓ ଅନୁପାଳନ<br>(୩) ପ୍ରମୁଖ ବ୍ୟବସାୟ ପ୍ରକ୍ରିୟା ସହିତ ବ୍ୟବସାୟ ଯୋଜନା<br>(୪) ପରାମର୍ଶ କରାଯାଇଥିବା କ୍ରେତାମାନଙ୍କ ତାଲିକା, ସଭା ବିବରଣୀ ଓ ଫଳାଫଳ (ମୂଲ୍ୟ, ପରିମାଣ ଓ ବର୍ଗର ସହମତି ଜ୍ଞାପନ (ଏମ୍‌ଓୟୁ)<br>(୫) ନିର୍ଦ୍ଦେଶକ ମଣ୍ଡଳୀ ପଞ୍ଜିକା ବିବରଣୀ<br>(୬) ଯଥାର୍ଥ ଉଦ୍ୟମ ବିବରଣୀ ଏସ୍‌ଏଫ୍‌ଏସିକୁ ଦିଆଗଲା ଓ ସମତୁଲ ଅନୁଦାନ ଏଫପିଓକୁ ପ୍ରଦାନ କରାଗଲା | ୧୦% |
| ୩୦ ମାସ | **ସ୍ତର ଛଅ :**<br>(୧) ଏଫ୍‌ପିଓ ବ୍ୟବସାୟ ଯୋଜନାର ପରିପାଳନ | ବ୍ୟବସାୟ ଯୋଜନା<br>(୧) ଯୋଜନା ଅନୁଯାୟୀ ସର୍ବନିମ୍ନ ୨୫% ବ୍ୟବସାୟ କାର୍ଯ୍ୟ ସମ୍ପାଦନ କରାଗଲା<br>(୨) ଆବଶ୍ୟକୀୟ ବ୍ୟବସାୟ କାର୍ଯ୍ୟକଳାପ କରିବା ପାଇଁ ବୈଧାନିକ ମଂଜୁରୀ ଅଣାଗଲା<br>(୩) କାର୍ଯ୍ୟକାରୀ ପଦ୍ଧତି ସ୍ଥାପିତ କରାଗଲା<br>(୪) ସ୍ଥିର କରାଯାଇଥିବା ଲକ୍ଷ୍ୟର ସର୍ବନିମ୍ନ ୧୦% କୃଷକ ଉନ୍ନତ କୃଷି ସେବାର ଉପଯୋଗ କରିବା ସହ ଅଧିକ ଉତ୍ତମ ଭାବରେ ବଜାର ପ୍ରବେଶ କରିପାରିଲେ | (୧) ବ୍ୟବସାୟ ଯୋଜନା – ଅର୍ଥନୈତିକ ଯୋଜନା ଅନ୍ତର୍ଭୁକ୍ତ<br>(୨) ଏଫ୍‌ପିଓ କାର୍ଯ୍ୟକଳାପ ନିମନ୍ତେ ନିୟମ ଅନୁମୋଦନ<br>(୩) ସଂପୃକ୍ତ ବିଭାଗୀୟ ପ୍ରମାଣପତ୍ର ପ୍ରାପ୍ତି<br>(୪) କୃଷକ କ୍ଷେତ୍ର ପୁସ୍ତକ (ଏଫ୍‌ଏଫ୍‌ବି)<br>(୫) ଏଫ୍‌ପିଓର ବର୍ଦ୍ଧିତ ବ୍ୟବସାୟିକ କାରବାର ଏବଂ ଏମ୍‌ଆଇଏସ୍ ଓ ଅାୟବ୍ୟୟ ଚିଠାରେ ପ୍ରତିଫଳିତ<br>(୬) ପ୍ରକଳ୍ପ ସମାପ୍ତ ପୂର୍ବର ବିବରଣୀ | ୨୦% |
| ୩୬ ମାସ | **ସ୍ତର ସାତ : ପ୍ରକଳ୍ପ ପରବର୍ତ୍ତୀ ସ୍ଥାୟୀତ୍ୱ ନିମନ୍ତେ ପରିସମାପ୍ତି ପଦ୍ଧତି** | (୧) ଦୀର୍ଘ କାଳୀନ ସମର୍ଥନ ନିମନ୍ତେ ଆରଆଇ ଓ ଏଲ୍‌ପିଓ (ଜୀବିକା ପ୍ରବର୍ଦ୍ଧନ ସଂଗଠନ) ମଧ୍ୟରେ ଚୁକ୍ତି ସମ୍ପାଦିତ<br>(୨) ଦୀର୍ଘ କାଳୀନ ଚୁକ୍ତି ନିମନ୍ତେ ପ୍ରସ୍ତାବ ନିର୍ଦ୍ଦେଶମଣ୍ଡଳୀ ଦ୍ୱାରା ମଂଜୁର ହେଲା ।<br>(୩) ଏଫ୍.ପି.ସି.(କୃଷକ ଉତ୍ପାଦକ କଂପାନୀ) ଓ ଅଂଶୀଦାରମାନେ ବ୍ୟବସାୟ କାର୍ଯ୍ୟକଳାପରୁ ଆୟ ପାଇବା ଆରମ୍ଭ କଲେ ଏବଂ ଉନ୍ନତିର ପଥ ପ୍ରଦର୍ଶନ କଲେ<br>(୪) ଏଫ୍‌ପିଓମାନେ ବିଓଡି(ନିର୍ଦ୍ଦେଶକମଣ୍ଡଳୀ ସଭା), ଏଜିଏମ୍ (ବାର୍ଷିକ ସାଧାରଣ ସଭା), ଆଭ୍ୟନ୍ତରୀଣ ସମୀକ୍ଷା ଓ ବୈଧାନିକ ସମୀକ୍ଷାରେ ନ୍ୟୁନତମ ଭ୍ରାନ୍ତି ସହ ନିୟମିତ ଅଟନ୍ତି । | (୧) ଚୁକ୍ତିର ପ୍ରତିଲିପି<br>(୨) ବିଓଡ଼ି (ନିର୍ଦ୍ଦେଶକ ମଣ୍ଡଳୀ) ପଞ୍ଜିକାର ବିବରଣୀ<br>(୩) ଏଫ୍‌ପସି(କୃଷକ ଉତ୍ପାଦକ କଂପାନୀ) ଅାୟବ୍ୟୟ ଚିଠା<br>(୪) ବିଓଡ଼ି, ଏଜିଏମ୍ ପଞ୍ଜିକା ଓ ଅଡଟର (ସମୀକ୍ଷକମାନଙ୍କର) ସନ୍ତୁଷ୍ଟ ବିବରଣୀ<br>(୫) ପ୍ରକଳ୍ପ ସମାପ୍ତ ବିବରଣୀ | ୨୦% |

FPOs mobilized and registered will be purely member-owned farmer bodies and will not be considered Government owned or Government promoted institutions. Hence grants provided in the equity of FPOs are one-time support measures designed to ensure the viability of FPOs.

Funding to the RIs is strictly for mobilization of FPOs and no further support for meeting recurring liability of any kind will be provided beyond the period specified for the project. All staff engaged during the project period will be contracted by the RI and will not have any claim whatsoever on the government.

The RI shall not be entitled to sublet the work assigned to it to any other agency.

This MOU will be deemed as complete only after the project end report is approved by State Government.

## DISPUTE RESOLUTION

A Joint Committee comprising of MD SFAC or Secretary of the State Govt. (in case the work of FPO promotion has been directly contracted by a State Govt.) and CEO of RI will discuss disputes and resolve them amicably in the best interests of the project through consensus. In case they are not able to reach a consensus, then the procedure laid down under the Indian Arbitration Act will be followed for resolving the dispute.

In witness thereof the parties hereto have signed this MOA on the date, month and year mentioned against their respective signatures.



| | |
|---|---|
| **For Resource Institution** | **For Promoting Organisation** |
| **Witness** | **Witness** |

ଅନୁପ୍ରେରିତ ଓ ପଞ୍ଜିକୃତ ଏଫ୍‌ପିଓ ସମ୍ପୂର୍ଣ୍ଣରୂପେ କୃଷକ ସଦସ୍ୟମାନଙ୍କର ଅଧିକୃତ ହେବ ଓ ସରକାରୀ ବା ସରକାରଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ ବୋଲି ବିବେଚନା କରାଯିବ ନାହିଁ । ତେଣୁ ଏଫ୍‌ପିଓର ଇକ୍ୱିଟିରେ ଯୋଗାଇ ଦିଆଯାଇଥିବା ଅନୁଦାନ ଏକ ସମୟର ସାହାଯତା ଯାହାକି ଏଫ୍‌ପିଓର ସାଧନକ୍ଷମତା ନିଶ୍ଚିତ କରିବା ପାଇଁ ପରିକଳ୍ପନା କରାଯାଇଛି ।

ଆର୍‌ଆଇମାନଙ୍କୁ ଯୋଗାଇ ଦିଆଯାଇଥିବା ପାଣ୍ଠି କଠୋର ଭାବରେ ଏଫ୍‌ପିଓର ଅନୁପ୍ରେରଣା ପାଇଁ ପ୍ରଯୁଜ୍ୟ ଓ ପ୍ରକଳ୍ପର ନିର୍ଦ୍ଦିଷ୍ଟ ଅବଧି ବାହାରେ କୌଣସି ପ୍ରକାର ପୌନଃପୌନିକ ଖର୍ଚ୍ଚ ତୁଲାଇବା ପାଇଁ ପରବର୍ତ୍ତୀ ସହାୟତା ଦିଆଯିବ ନାହିଁ । ପ୍ରକଳ୍ପ ଅବଧିରେ ନିୟୋଜିତ ଥିବା ସମସ୍ତ କର୍ମଚାରୀଙ୍କୁ ଆର୍‌ଆଇଙ୍କ ଦ୍ୱାରା ଚୁକ୍ତି କରାଯିବ ଓ ସରକାରଙ୍କ ଉପରେ କୌଣସି ପ୍ରକାର ଦାବି ରହିବ ନାହିଁ ।

ଆର୍‌ଆଇମାନେ ସେମାନଙ୍କୁ ନ୍ୟସ୍ତ କରାଯାଇଥିବା କାର୍ଯ୍ୟକୁ ଅନ୍ୟ କୌଣସି ସଂସ୍ଥାକୁ ନ୍ୟସ୍ତ କରିବା ପାଇଁ ହକଦାର ନୁହଁନ୍ତି ।

ପ୍ରକଳ୍ପ ସମାପ୍ତ ବିବରଣୀ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହେବାପରେ ଯାଇ ଏମ୍‌ଓୟୁ ସମାପନ ହେଲା ବୋଲି ଧରାଯିବ।

## ବିବାଦ ସମାଧାନ

ଏମ୍‌ଡ଼ି ଏସ୍‌ଏଫ୍‌ଏସି କିମ୍ବା ରାଜ୍ୟ ସରକାରଙ୍କ ସଚିବ (ଯଦି ଏଫ୍‌ପିଓର ଉନ୍ନତି କାର୍ଯ୍ୟ ପ୍ରତ୍ୟକ୍ଷରୂପେ ରାଜ୍ୟ ସରକାରଙ୍କ ଦ୍ୱାରା ଚୁକ୍ତିବଦ୍ଧ) ଓ ଆର୍‌ଆଇଙ୍କ ସିଇଓଙ୍କ ଦ୍ୱାରା ଗଠିତ ଏକ ଯୁଗ୍ମ କମିଟି ବିବାଦ ବିଷୟରେ ଆଲୋଚନା କରିବେ ଓ ସର୍ବସମ୍ମତି ମାଧ୍ୟମରେ ପ୍ରକଳ୍ପର ସର୍ବୋତ୍ତମ ମଙ୍ଗଳ ନିମନ୍ତେ ସେଗୁଡ଼ିକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସମାଧାନ କରିବେ । ଯଦି ସେମାନେ ସର୍ବସମ୍ମତିରେ ପହଞ୍ଚିପାରିବେ ନାହିଁ, ତେବେ ଭାରତୀୟ ଆର୍ବିଟ୍ରେସନ୍ ଧାରା ନିର୍ଦ୍ଧାରିତ ପଦ୍ଧତି ଅନୁସରଣ କରି ବିବାଦ ସମାଧାନ ହେବ ।

ପକ୍ଷମାନେ ସାକ୍ଷୀସ୍ୱରୂପ ଏଠାରେ ଏହି ଏମ୍‌ଓଏ ସ୍ୱାକ୍ଷର କଲେ, ପ୍ରତ୍ୟେକ ସ୍ୱାକ୍ଷରରେ ତାରିଖ, ମାସ ଓ ବର୍ଷ ଉଲ୍ଲେଖ ହେଲା ।



| | |
|---|---|
| **ସଂସାଧନ ଅନୁଷ୍ଠାନ ନିମନ୍ତେ** | **ପ୍ରୋତ୍ସାହକ ସଙ୍ଗଠନ ନିମନ୍ତେ** |
| **ସାକ୍ଷ୍ୟ** | **ସାକ୍ଷ୍ୟ** |

3

# RESOURCE HANDBOOK

for Establishing a Producer Company

# ସମ୍ବଳ ପୁସ୍ତିକା

ଏକ ଉତ୍ପାଦକ କମ୍ପାନୀ
ସ୍ଥାପନ ପାଇଁ

# ACKNOWLEDGEMENT

This manual has been developed by Action for Social Advancement (ASA), Bhopal and the institution has kindly permitted its inclusion in this document for wider circulation.

# ସ୍ୱୀକୃତି

ଏହି ପୁସ୍ତିକାଟି ଆକସନ୍ ଫର୍ ସୋସିଆଲ୍ ଆଡଭାନ୍ସମେଣ୍ଟ (ଏଏସ୍ଏ), ଭୋପାଳଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ଏବଂ ଏହାର ବ୍ୟାପକ ପ୍ରସାର ପାଇଁ ଏହି ଆଲେଖରେ ଏହା ଅନ୍ତର୍ଭୁକ୍ତ କରିବାକୁ ଅନୁଷ୍ଠାନ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି ।

# INTRODUCTION

## FOR THE PROMOTION OF FARMER PRODUCER ORGANISATIONS

The project of "Organic Production of Under utilized Medicinal, Aromatic and Natural Dye Plants Programme for Sustainable Livelihoods in South Asia" (MADP) is being implemented in India and Bhutan by the Food and Agriculture Organisation of the United Nations. The project is funded by a Technical Assistance Grant from the IFAD for conversion to organic farming systems incorporating MADPs (Medicinal, Aromatic and Natural Dyes) of the area; adding value on farm; processing for further value addition; establishing quality and traceability aspects of certification; formation of business platform of producers; marketing of the produce of all sites with primacy to meeting the needs of the community for nutrition, health, increased purchasing power and sustained livelihoods.

The FAO has sought the services of Action for Social Advancement (ASA), a non-governmental organisation, pioneer in setting up the Producer companies in India, to: prepare a resource book to guide the users on how to develop producer companies including financial and economic assessment before establishing a PC of small producers.

This resource book deals with the processes to be followed and preparations required to set up a producer company. The resource book is developed based on the experiences of ASA in developing a series of PCs in Madhya Pradesh and Bihar and from the lessons learnt during their feasibility assessment study of setting up a PC in a MADP project site at Karnataka.

As per the Terms of Reference (ToR) provides, the following aspects have been covered in this Resource book. The resource book contains four chapters. Chapter-1 deals with the generic issues in regard to need of farmers collectives, genesis of Producer Companies Act., key differences in characteristics between producer companies and cooperatives, Chapter-2 describes the processes need to be followed and the preparations required at the field level for the incorporation of the company. The chapter also focuses on the legal requirement for establishing a company and process involved in it. Chapter-3 assesses the working capital requirement and running costs for a producer company. Chapter-4 explains the process of developing business plan of producer companies taking into consideration of market and various financial assessment, and Chapter-5 provides some practical guidelines for the assessment of institutional health of the producer companies.

The whole idea behind this resource book is not to provide prescription, as the Producer Companies require context specific strategic interventions (like any other community institutions), which is best manoeuvred by the practitioners working in a given situation, but to provide a methodical guidelines in establishing a PC. Thus, this resource book should not be considered as a sole source of information. It is suggested that the interested users also seek details of legal compliances related with company affairs, available at the website of Ministry of Corporate Affairs (www.mca.gov.in).

# ଉପକ୍ରମଣିକା

## କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ଗୁଡ଼ିକର ଉନ୍ନତି ପାଇଁ ନିମନ୍ତେ

"ଦକ୍ଷିଣ ଏସିଆରେ ସ୍ଥାୟୀ ଜୀବିକା ପାଇଁ ଅବ୍ୟବହୃତ ଔଷଧୀୟ, ସୁଗନ୍ଧ ଓ ପ୍ରାକୃତିକ ରଂଗଯୁକ୍ତ ଉଦ୍ଭିଦର ଜୈବ ଉତ୍ପାଦନ" (ଏମ୍‌ଏଡିପି) ପ୍ରକଳ୍ପଟି ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦ୍ୱାରା ଭାରତ ଓ ଭୁଟାନ୍‌ରେ କାର୍ଯ୍ୟକାରୀ କରାଯଉଛି। ଆଇଏଫ୍‌ଡିଏର ବୈଷୟିକ ସହାୟତା ଅନୁଦାନ ଏହି ପ୍ରକଳ୍ପକୁ ଅର୍ଥ ପ୍ରଦାନ କରୁଛି। ଏଥିରେ ଅଞ୍ଚଳର ଏମ୍‌ଏଡିପି (ଔଷଧୀୟ, ସୁଗନ୍ଧ ଓ ପ୍ରାକୃତିକ ରଂଗଯୁକ୍ତ) କୁ ଜୈବିକ କୃଷି ପଦ୍ଧତିକୁ ପରିବର୍ତ୍ତନ, କୃଷିକ୍ଷେତ୍ରରେ ମୂଲ୍ୟଯୁକ୍ତ: ପରିବର୍ଦ୍ଧିତ ମୂଲ୍ୟ ସଂଯୋଗ ପାଇଁ ପ୍ରକ୍ରିୟାକରଣ: ପ୍ରମାଣୀକରଣର ଗୁଣାତ୍ମକମାନ ଓ ସୁରାକ ସ୍ଥାପନ: ଉତ୍ପାଦକଙ୍କ ପାଇଁ ବ୍ୟାବସାୟିକ ପ୍ଲାଟଫର୍ମ ଗଠନ: ସବୁ ସ୍ଥାନର ଉତ୍ପାଦର ବଜାରୀକରଣ ସହ ମୁଖ୍ୟତଃ ସମୁଦାୟକ ପୁଷ୍ଟି, ସ୍ୱାସ୍ଥ୍ୟ, କ୍ରୟଶକ୍ତି ବୃଦ୍ଧି ତଥା ସ୍ଥାୟୀ ଜୀବିକାର ଅ ।ବଶ୍ୟକତା ଅନ୍ତର୍ଭୁକ୍ତ।

ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଭାରତରେ ଉତ୍ପାଦକ କମ୍ପାନି ସ୍ଥାପନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ବେସରକାରୀ ସଂଗଠନ ଏଏସ୍‌ଏର ସେବା ଲୋଡ଼ିଛନ୍ତି। ବ୍ୟବହାରକାରୀଙ୍କୁ ମାର୍ଗଦର୍ଶନ ପାଇଁ ଏକ ସମ୍ବଳ ପୁସ୍ତିକା ପ୍ରସ୍ତୁତ କରିବା ନିମନ୍ତେ ଯେଉଁଥିରେ ଉତ୍ପାଦକ କମ୍ପାନୀ କିପରି ବିକାଶ କରାଯାଇ ପାରିବ ତଥା କ୍ଷୁଦ୍ର ଉତ୍ପାଦକଙ୍କ ଉତ୍ପାଦକ କମ୍ପାନୀ ସ୍ଥାପନ ପୂର୍ବରୁ ବିତ୍ତୀୟ ଓ ଆର୍ଥିକ ଆକଳନ କରାଯିବ, ସେ ବିଷୟ ଉଲ୍ଲେଖ ରହିବ।

ଏହି ସମ୍ବଳ ପୁସ୍ତିକାରେ ଏକ ଉତ୍ପାଦକ କମ୍ପାନି ସ୍ଥାପନ ପାଇଁ କେଉଁ ପଦ୍ଧତି ଅବଲମ୍ବନ କରାଯିବ ଏବଂ କିଭଳି ପ୍ରାକ୍ ପ୍ରସ୍ତୁତି କରାଯିବ ତାହା ରହିଛି। ମଧ୍ୟପ୍ରଦେଶ ଏବଂ ବିହାରରେ ଅନେକ ପି.ସି. ବିକଶିତ କରାଇବା ପରେ ହାସଲ କରିଥିବା ଅଭିଜ୍ଞତାକୁ ନେଇ ଏହି ପୁସ୍ତିକା ପ୍ରସ୍ତୁତ ହୋଇଛି। କର୍ଣ୍ଣାଟକର ଏମ୍‌ଏଡ଼ିପି ପ୍ରୋଜେକ୍ଟ ସାଇଟ୍‌ରେ ଏକ ପି.ସି. ସ୍ଥାପନବେଳେ ସମ୍ଭାବ୍ୟତା ଆକଳନ ଅଧ୍ୟୟନରୁ ସେମାନେ ପାଇଥିବା ଶିକ୍ଷା ମଧ୍ୟ ଏଥିରେ ରହିଛି।

ଦିଆଯାଇଥିବା ଟର୍ମସ୍ ଅଫ୍ ରେଫରେନ୍ସ(ଟିଓଆର୍) ଅନୁସାରେ ଏହି ସମ୍ବଳ ପୁସ୍ତିକାରେ ନିମ୍ନ ବିଷୟ ସ୍ଥାନ ପାଇଛି। ସମ୍ବଳ ପୁସ୍ତିକାରେ ୪ଟି ଅଧ୍ୟାୟ ରହିଛି। ଅଧ୍ୟାୟ ୧ରେ କୃଷକ ସଂଗଠନ ଆବଶ୍ୟତା ପ୍ରସଙ୍ଗିତ ସାଧାରଣ ବିବାଦୀୟ ବିଷୟ, ଉତ୍ପାଦକ କମ୍ପାନି ନିୟମର ଉତ୍ପତ୍ତି, ଉତ୍ପାଦକ କମ୍ପାନି ଓ ସମବାୟ ମଧ୍ୟରେ ପ୍ରମୁଖ ତଫାତ୍, ଅଧ୍ୟାୟ ୨ରେ କମ୍ପାନି ଅନ୍ତର୍ଭୁକ୍ତୀକରଣ ପାଇଁ କ୍ଷେତ୍ରସ୍ତରରେ ଆବଶ୍ୟକ ପ୍ରସ୍ତୁତି ଓ କିପ୍ରକାର ପଦ୍ଧତି ଗ୍ରହଣ କରାଯିବ ତାହା ରହିଛି। ଏହି ଅଧ୍ୟାୟରେ ମଧ୍ୟ କମ୍ପାନି ସ୍ଥାପନ ପାଇଁ ଆଇନଗତ ଆବଶ୍ୟକତା ଓ ତତ୍ ସମ୍ବନ୍ଧୀୟ ପ୍ରକ୍ରିୟା ସମ୍ପର୍କରେ ଦର୍ଶାଯାଇଛି। ଅଧ୍ୟାୟ ୩ରେ ଏକ ଉତ୍ପାଦକ କମ୍ପାନି ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ଅର୍ଥ ଓ ଚଳନ୍ତି ଖର୍ଚ୍ଚର ଆକଳନ ସମ୍ପର୍କରେ କୁହାଯାଇଛି। ଅଧ୍ୟାୟ ୪ରେ ବଜାର ଓ ଅନ୍ୟାନ୍ୟ ଆର୍ଥିକ ଆକଳନ କରି ଉତ୍ପାଦକ କମ୍ପାନି ପାଇଁ କିପ୍ରକାର ବ୍ୟବସାୟ ଯୋଜନା କରାଯାଇପାରିବ ତାହା ଦର୍ଶାଯାଇଛି। ଅଧ୍ୟାୟ ୫ରେ ଉତ୍ପାଦକ କମ୍ପାନିର ଆନୁଷ୍ଠାନିକ ସ୍ୱାସ୍ଥ୍ୟ ଆକଳନ ସମ୍ବନ୍ଧିତ କେତେକ ବାସ୍ତବ ଗାଇଡ଼ଲାଇନ୍ ପ୍ରଦାନ କରାଯାଇଛି।

ଏହି ସମ୍ବଳ ପୁସ୍ତିକା ପ୍ରସ୍ତୁତି ପଛର ମୁଖ୍ୟ ଆଭିମୁଖ୍ୟ କେବଳ ବିଧି ବ୍ୟବସ୍ଥାଗତ ନିର୍ଦ୍ଦେଶ ପ୍ରଦାନ ନୁହେଁ ବରଂ ଏକ ଉତ୍ପାଦନ କଂପାନୀ ସ୍ଥାପନ ପାଇଁ ଏହା ଏକ ବ୍ୟବସ୍ଥିତ ଦିଗ୍‌ଦର୍ଶନକାରୀ ଯେହେତୁ ଉତ୍ପାଦକ କଂପାନୀମାନେ ପ୍ରସଙ୍ଗ ଭିତ୍ତିକ ସ୍ୱତନ୍ତ୍ର କୌଶଳ ଆବଶ୍ୟକ କରନ୍ତି (ଅନ୍ୟାନ୍ୟ ସମୁଦାୟ ଅନୁଷ୍ଠାନ ଭଳି) ଯାହା ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଅଭ୍ୟାସକାରୀଙ୍କ ପାଇଁ ଚତୁରଭାବେ ପରିଚାଳିତ ହୋଇପାରିବ। ତେଣୁ ଏହି ସମ୍ବଳ ପୁସ୍ତିକାକୁ ସୂଚନାର ଏକମାତ୍ର ଉତ୍ସ ଭାବେ ବିବେଚନା କରିବା ଅନୁଚିତ୍। ସୂଚନାଯୋଗ୍ୟ ଯେ, ଆଗ୍ରହୀ ବ୍ୟବହାରକାରୀ କଂପାନୀ ବ୍ୟାପାରଗତ ଆଇନଗତ ଅନୁପାଳନ ସମ୍ପର୍କରେ ଜାଣିବା ପାଇଁ କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟ ଓ୍ୱେବସାଇଟ୍ (ଷଙ୍ଘଙ୍କ୍ସ://ଙ୍ଗଙ୍ଗଙ୍ଗ.ଙ୍କମବ.ଶକ୍ସଙ୍ଖ.ସଭ) ଦେଖିପାରିବେ।

CHAPTER 1

# PRODUCER COMPANIES

## CONCEPT AND PRACTICES

***(The chapter deals with the generic issues in regard to need of farmer's collectives, genesis of Producer Companies Act., key differences in characteristics between producer companies and cooperatives and experience of ASA[1] in establishing producer companies)***

### 1.1 BACKGROUND:

The growth rate of agriculture in India over the last decade has been stagnating and has gone down to 1.8% in 2006. On the other hand industrial growth has been buoyant at more than 9%. Such skewed growth rates are a matter of serious concern for planners and policy makers of the country at the highest level.

While growth in green revolution areas are stagnating, hardly any progress has been made in about 60% of the cultivable land, which is still under rain fed farming. The country finds itself in a difficult situation in meeting the food and nutrient security of its one billion plus population. Clearly Indian Agriculture is at the crossroads and only radical and innovative policies will help to pull the country out of an impending crisis of enormous proportions. A much discussed current topic in Indian agriculture is how to integrate the farmers, especially the small farmers with the value chain so that the net return at the farmers end is remunerative enough for the farmers to remain interested in agriculture.

India has over 92 million small holdings or nearly 21% of the world's small holdings of 450 million, the second largest after China (Oksana Nagayets, IFPRI, 2005)1. The challenge is therefore enormous for India to ensure that small holdings are truly productive and are the main source of livelihoods for millions of people dependent on it.

Several institutional models are being tried in India to integrate farmers with the value chain. The most common model is the producer's cooperatives, which enable farmers to organise themselves as collectives. The cooperatives are registered with the Registrar of Cooperative Societies. India has a large number of cooperative institutions in a vast range of enterprise sectors. The cooperative experience in India has not been a very pleasant one, as cooperatives have largely been state promoted, with a focus on welfare rather than to do business on commercial lines.

In 2002, through an amendment in the Indian Companies Act. 1956, the Government of India (GoI) enacted the Producer companies Act. by incorporating a new section IXA in the Indian Companies Act.1956 based on the recommendations of the Y.K. Alagh Committee set up for this purpose. The producer companies are incorporated with the Registrar of Company (RoC). The objective of the Government of India for such an initiative was to formulate a legislation that would enable incorporation of cooperatives as companies and conversion of existing cooperatives into companies, while ensuring that the unique elements of the cooperative business remain intact in the new legislation.

A PC is formed with the equity contribution by the members. The day to day operation is expected to be managed by the professionals, hired from outside, under the direction of the Board of Directors (BoD) elected/ selected by the General body of the PC for a specific tenure.

Since farmers or the producers are the equity holders of the company, a PC as an organisation provides an appropriate framework for owning the company by the producers themselves. The need to organise farmers, especially the small holders, is a well established fact. The basic purpose of the PC is to collectivise small farmers or producers for (a) backward linkage for inputs like seeds, fertilisers, credit, insurance, knowledge and extension services and (b) forward linkages such as collective marketing, processing, market led

[1] Action for Social Advancement (ASA), an NGO based in Bhopal, M.P. is one of the pioneering organization in establishing PCs with small farmers for agribusiness in Madhya Pradesh and Bihar.

ଅଧ୍ୟାୟ ୧

# ଉତ୍ପାଦକ କମ୍ପାନୀ

## ଧାରଣା ଓ ଅଭ୍ୟାସ

(ଏହି ଅଧ୍ୟାୟରେ କୃଷକଙ୍କ ସଂଗଠନର ଆବଶ୍ୟକତା, ଉତ୍ପାଦକ କମ୍ପାନୀ ନିୟମର ଉତ୍ପତ୍ତି, ଉତ୍ପାଦକ କମ୍ପାନୀ ଓ ସମବାୟ ମଧ୍ୟରେ ଥିବା ପ୍ରମୁଖ ଫରକ ଏବଂ ଉତ୍ପାଦକ କମ୍ପାନୀ ସ୍ଥାପନରେ ଆଶାର ଅଭିଜ୍ଞତା ସମ୍ବନ୍ଧୀୟ ସାଧାରଣ ବିଷୟ ବର୍ଣ୍ଣିତ ହୋଇଛି।)

### ୧.୧ ପୃଷ୍ଠଭୂମି

ଗତ ଦଶନ୍ଧିରେ କୃଷି କ୍ଷେତ୍ରରେ ଭାରତର ଅଭିବୃଦ୍ଧି ହାର ଥମି ଯାଇଥିବା ବେଳେ ୨୦୦୬ ରେ ଏହା ୧.୮% କୁ ଖସି ଆସିଛି। ଅନ୍ୟପକ୍ଷରେ ଶିଳ୍ପ ଅଭିବୃଦ୍ଧି ହୋଇ ୯% ଉପରେ ରହିଛି। ଏହି ନିମ୍ନମୁଖୀ ଅଗ୍ରଗତି ଦେଶର ସର୍ବୋଚ୍ଚ ସ୍ତରରେ ଥିବାଯୋଜନାକାରୀ ଓ ନୀତି ନିର୍ମାତାଙ୍କ ଗଭୀର ଚିନ୍ତାରେ କାରଣ ହେଉଛି।

ସବୁଜ ବିପ୍ଳବ ଅଞ୍ଚଳରେ ଅଭିବୃଦ୍ଧି ସ୍ଥିରରହି ଥିବାବେଳେ ସମ୍ପୂର୍ଣ୍ଣ ବର୍ଷା ଜଳ ଉପରେ ନିର୍ଭରଶୀଳ ୬୦% ଚାଷ ଜମିରେ ଅଗ୍ରଗତି କ୍ୱଚିତ୍। ଦେଶର ୧୦୦ କୋଟିରୁ ଅଧିକ ଲୋକଙ୍କ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ଯୋଗାଇବା ପାଇଁ ଦେଶ ଏକ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହା ସ୍ପଷ୍ଟ ଯେ ଭାରତୀୟ କୃଷି ଦୋଛକିରେ ଦଣ୍ଡାୟମାନ। କେବଳ ମହତ୍ତ୍ୱପୂର୍ଣ୍ଣ ଓ ଅଭିନବ ନୀତି ହିଁ ଦେଶକୁ ବିଶାଳ ଆସନ୍ନ ସଂକଟରୁ ମୁକ୍ତି ଦେଇପାରିବ। ଭାରତୀୟ କୃଷିକୁ ନେଇ ବର୍ତ୍ତମାନର ସବୁଠାରୁ ଅଧିକ ଚର୍ଚ୍ଚିତ ବିଷୟ ହେଉଛି କୃଷକମାନଙ୍କୁ କିପରି ସଂଗଠିତ କରିବା, ବିଶେଷ କରି କ୍ଷୁଦ୍ର ଚାଷୀଙ୍କୁ ମୂଲ୍ୟ ଶୃଙ୍ଖଳ ସହ ଯା' ଫଳରେ କୃଷକଙ୍କର ଶୁଦ୍ଧ ପ୍ରାପ୍ୟ ଅଧିକ ଲାଭଦାୟକ ହେବ ଓ ଏହା କୃଷକକୁ କୃଷି ପ୍ରତି ଆଗ୍ରହ ସୃଷ୍ଟି କରିବ।

ଭାରତରେ ୯୨ ମିଲିଅନରୁ ଅଧିକ କ୍ଷୁଦ୍ର କ୍ଷେତବାଡି ଅଛି ଯାହାକି ବିଶ୍ୱ କ୍ଷୁଦ୍ର କ୍ଷେତବାଡି ୪୫୦ ମିଲିଅନର ପାଖାପାଖି ୨୧ ପ୍ରତିଶତ ଏବଂ ଚୀନ୍ (ଓକ୍‌ସାନା ନଗାୟେଟ୍‌ସ, ଆଇଏଫ୍ ପିଆରଇ-୨୦୦୫) ପଛକୁ ଦ୍ୱିତୀୟ ସର୍ବାଧିକ। ଭାରତ ପାଇଁ ବଡ ଆହ୍ୱାନହେଉଛି ଏହି କ୍ଷୁଦ୍ର କ୍ଷେତବାଡି ପ୍ରକୃତ ଉତ୍ପାଦନକ୍ଷମ ଭାବରେ ସୁନିଶ୍ଚିତ କରିବା ଯେହେତୁ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ଏହା ଉପରେ ନିର୍ଭରଶୀଳ।

ଚାଷୀଙ୍କୁ ମୂଲ୍ୟ ଶୃଙ୍ଖଳ ସହ ସଂଗଠିତ କରିବା ପାଇଁ ଭାରତର ବହୁ ଅନୁଷ୍ଠାନିକ ମଡେଲ୍‌ର ଚେଷ୍ଟା କରାଯାଇଛି। ସବୁଠାରୁ ସାଧାରଣ ମଡ଼େଲ୍‌ଟି ହେଉଛି ଉତ୍ପାଦକଙ୍କ ସମବାୟ, ଯେଉଁଠାରେ କୃଷକମାନଙ୍କୁ ସ୍ୱୟଂ ସଂଗଠିତ କରିବା ପାଇଁ ସକ୍ଷମ କରିଥାଏ। ଏହି ସମବାୟଗୁଡ଼ିକ 'ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ ସୋସାଇଟିଜ୍'ରେ ପଞ୍ଜିକୃତ ହୋଇଥାନ୍ତି। ଭାରତରେ ବହୁ ସଂଖ୍ୟକ ସମବାୟ ଅନୁଷ୍ଠାନ ବିଶାଳ ଉଦ୍ୟୋଗ କ୍ଷେତ୍ରରେ ରହିଛନ୍ତି। ଭାରତରେ ସମବାୟ ଅଭିଜ୍ଞତା ବିଶେଷ ସନ୍ତୋଷଜନକ ନୁହେଁ। ଯେହେତୁ ସମବାୟଗୁଡ଼ିକ ବହୁଳ ଭାବରେ ରାଜ୍ୟ ପୃଷ୍ଠପୋଷକତାରେ ଗଠିତ ଏବଂ ସେମାନେ ବାଣିଜ୍ୟିକ ଦୃଷ୍ଟିକୋଣରୁ ବ୍ୟବସାୟ କରିବା ପରିବର୍ତ୍ତେ କଲ୍ୟାଣ ପ୍ରତି କେନ୍ଦ୍ରିତ ହୋଇଥାନ୍ତି।

୨୦୦୨ରେ ଭାରତୀୟ କମ୍ପାନୀ ଆଇନ୍, ୧୯୫୬ରେ ଏକ ସଂଶୋଧନ ମାଧ୍ୟମରେ ଭାରତ ସରକାର (ଜିଓଆଇ) ଏଥିରେ ଏକ ନୂଆ ଧାରା

ଓଡ଼ଇ ଯୋଡ଼ି ଉତ୍ପାଦକ କମ୍ପାନୀଜ୍ ଆକ୍ଟ କାର୍ଯ୍ୟକ୍ଷମ କରାଇଲେ। ଏହି ଲକ୍ଷ୍ୟରେ ଗଢ଼ା ଯାଇଥିବା ୱାଇ.କେ ଆଲଘ କମିଟିଙ୍କ ସୁପାରିଶ କ୍ରମେ ଏହା କରାଯାଇଥିଲା। ଉତ୍ପାଦକ କମ୍ପାନୀଗୁଡ଼ିକ ରେଜିଷ୍ଟ୍ରାର ଅଫ୍ କମ୍ପାନୀ (ଆରଓସି) ଅନ୍ତର୍ଭୁକ୍ତ ହୋଇଥାନ୍ତି। ଏଭଳି ଉପକ୍ରମରେ ଭାରତ ସରକାରଙ୍କ ଲକ୍ଷ୍ୟ ଥିଲା ଏକ ଆଇନ୍ ତିଆରି କରିବା ଯାହା ସମବାୟଗୁଡ଼ିକୁ କମ୍ପାନୀ ଭାବେ ଅନ୍ତର୍ଭୁକ୍ତ କରାଇବ ଏବଂ ରହିଥିବା ସମବାୟ ଗୁଡ଼ିକୁ କମ୍ପାନୀରେ ପରିବର୍ତ୍ତିତ କରାଇବ, ଯେପରିକି ନୂଆ ଆଇନ୍‌ରେ ସମବାୟ ବ୍ୟବସାୟର ଅଦ୍ୱିତୀୟ ମୂଳତତ୍ତ୍ୱ ଅକ୍ଷୁର୍ଣ୍ଣ ରହିବ।

ସଭ୍ୟମାନଙ୍କ ଇକ୍ୱିଟି ଯୋଗଦାନରେ ପି.ସି. ଗଠିତ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପି.ସି. ଦ୍ୱାରା ନିର୍ବାଚିତ/ମନୋନୀତ ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି)ଙ୍କ ନିର୍ଦ୍ଦେଶରେ ବାହାରୁ ରଖାଯାଇଥିବା ପେସାଦାରୀଙ୍କ ଦ୍ୱାରା ଏହାର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରାଯାଏ।

କୃଷକ ବା ଉତ୍ପାଦନକାରୀମାନେ କମ୍ପାନୀର ଇକ୍ୱିଟିଧାରକ ହୋଇଥିବାରୁ, ପ୍ରୋତ୍ସାହକ କମ୍ପାନୀ(ପି.ସି) ଏକ ଅନୁଷ୍ଠାନ ଭାବେ ଉତ୍ପାଦକମାନଙ୍କୁ ନିଜେ ଏହି କମ୍ପାନୀର ମାଲିକ ହେବାର ଉପଯୁକ୍ତ ଢାଞ୍ଚା ଯୋଗାଇଦିଏ। କୃଷକ, ବିଶେଷକରି କ୍ଷୁଦ୍ର ଚାଷୀଙ୍କୁ ସଂଗଠିତ କରିବା ଆବଶ୍ୟକତା ଏକ ସ୍ଥାପିତ ତଥ୍ୟ। ପି.ସି.ର ମୂଳ ଲକ୍ଷ୍ୟ ହେଲା କ୍ଷୁଦ୍ର ଚାଷୀ ବା ଉତ୍ପାଦନକାରୀଙ୍କୁ (ବ) ଉତ୍ପାଦନ ସାମଗ୍ରୀ ନିମନ୍ତେ ପଶ୍ଚାତ ସଂଯୋଗୀକରଣ ଯଥା ବିହନ, ସାର, ଋଣ, ବୀମା, ଜ୍ଞାନ ଏବଂ ସଂପ୍ରସାରଣ ସେବା ଏବଂ (ଭ)ସମ୍ମୁଖ ସଂଯୋଗୀକରଣ ଯଥା ସାମୂହିକ ବିପଣନ, ପ୍ରକ୍ରିୟାକରଣ, ବଜାରଭିତ୍ତିକ କୃଷି ଉତ୍ପାଦନ ଇତ୍ୟାଦି ନିମନ୍ତେ ସଂଗଠିତ କରିବା। କ୍ଷୁଦ୍ର ଚାଷୀ/ ଉତ୍ପାଦନକାରୀ ପାଇଁ ସାମୂହିକ ମୂଲଚାଲ କରିବାର ଶକ୍ତି ପାଇବା ହେଉଛି ଏହି ଉଦ୍ୟମର ମୁଖ୍ୟ ଉଦ୍ଦେଶ୍ୟ।



୧ ଆକ୍ସନ ଫର ସୋସିଆଲ ଆଡଭାନ୍ସମେ (ଆଶା) ମଧ୍ୟପ୍ରଦେଶ, ଭୋପାଳ ସ୍ଥିତ ଏକ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ମଧ୍ୟପ୍ରଦେଶ ଓ ବିହାରରେ କୃଷି ବ୍ୟବସାୟ ପାଇଁ କ୍ଷୁଦ୍ର ଚାଷୀଙ୍କ ସହ ପି.ସି.ସ୍ଥାପନ କରିବାରେ ଆଶା ଏକ ଅଗ୍ରଣୀ ଅନୁଷ୍ଠାନ।

| TABLE 1: KEY DIFFERENCES BETWEEN PRODUCER COMPANIES AND COOPERATIVES | | |
|---|---|---|
| PARAMETERS | COOPERATIVE | PRODUCER COMPANY |
| Registration | Cooperative Societies Act. | Indian Companies Act |
| Objectives | Single object | Multi-object |
| Area of Operation | Restricted, discretionary | Entire Union of India |
| Membership | Individuals and cooperatives | Any individual, group, association, producer of the goods or services |
| Share | Non-tradable | Not tradable but transferable limited to members on par value |
| Profit sharing | Limited dividends on shares | Commensurate with volume of business |
| Voting rights | One member, one vote, but Government and Registrar of Cooperatives hold veto power | One member, one vote. Members not having transactions with the company can not vote |
| Government control | Highly patronized to the extent of interference | Minimal, limited to statutory requirements |
| Extent of Autonomy | Limited in "real world scenario" | Fully autonomous, self ruled within the provisions of Act |
| Reserves | Created if here are profits | Mandatory to create every year |
| Borrowing power | Restricted | More freedom and alternatives |
| Relationship with other corporate/ business houses/NGOs | Transaction based | Producers and corporate entity can together float a producer company |

agriculture production etc. At the heart of this effort is to gain collective bargaining power for small farmers/ producers.

The collectives of farmers in the form of producer companies is gaining popularity among the farmers/ producers and among the promoting agencies primarily due to several advantages it carries in comparison to the conventional model of producers cooperatives. The Producer Companies Act. enshrines the ethos and basic tenets of cooperatives and infuses a professional attitude into management.

Table -1 provides a comparative analysis of producer companies and producers cooperatives to understand the differences in the basic premises of these two Acts which enable incorporation of producers collectives. Apparently the producer companies have inherent advantages over the cooperatives in many areas. Specifically of the PC there is less government control whereas the cooperative institutions are state controlled. The overriding powers of the Registrar of Cooperative Societies to direct and regulate cooperatives, whenever the government deems necessary, has throttled the growth of the cooperative institutions. Majority of the cooperative institutions are currently facing severe financial crisis and at times are heavily dependent on the state subsidy for existence. The Mutually Aided Cooperative Societies Act (MACS) was introduced to overcome some of these limitations of the cooperatives, however, not many States have adopted the MACS and also not many commodity cooperatives have migrated to the MACS format.

## 1.2 KEY CHARACTERISTICS OF PRODUCER COMPANIES

- It is a corporate body registered under the Indian Companies (Amendment) Act 2002. Ownership and membership of such companies is held only by 'primary producers' or 'Producer Institution', and member's equity cannot be traded. However, it may be transferred, only with the approval of the Board of Directors of the producers companies

- The clauses of Private Limited Company shall be applicable to the producer companies except the clauses specified in Producer Company Act. from 581-A to 581-ZT which make it different from a normal private or limited company

| ଟେବୁଲ୍ ୧ : ଉତ୍ପାଦକ କମ୍ପାନୀ (ପି.ସି.) ଓ ସମବାୟ ମଧ୍ୟରେ ମୁଖ୍ୟ ପ୍ରଭେଦ | | |
|---|---|---|
| **ପରିମାପକ** | **ସମବାୟ** | **ଉତ୍ପାଦକ କମ୍ପାନୀ (ପି.ସି.)** |
| ପଞ୍ଜିକରଣ | କୋ-ଅପରେଟିଭ୍ ସୋସାଇଟିଜ୍ ଆକ୍ଟ | ଇଣ୍ଡିଆନ୍ କମ୍ପାନିଜ ଆକ୍ଟ |
| ଉଦ୍ଦେଶ୍ୟ | ଏକ ଉଦ୍ଦେଶ୍ୟ | ଅନେକ ଉଦ୍ଦେଶ୍ୟ |
| କାର୍ଯ୍ୟ ପରିସର | ସୀମିତ, ଇଚ୍ଛାମୂଳକ | ସାରା ଭାରତ |
| ସଦସ୍ୟତା | ବ୍ୟକ୍ତିବିଶେଷ ଏବଂ ସମବାୟ | ଯେକେହି ବ୍ୟକ୍ତି, ଗୋଷ୍ଠୀ, ସଂଗଠନ, ସେବା ଓ ସାମଗ୍ରୀ ଉତ୍ପାଦନକାରୀ |
| ଅଂଶ | ଅଣ ବ୍ୟାପାରଯୋଗ୍ୟ | ଅଣ ବ୍ୟାପାରଯୋଗ୍ୟ କିନ୍ତୁ ସମମୂଲ୍ୟରେ ସଦସ୍ୟଙ୍କ ମଧ୍ୟରେ ସୀମିତ ହସ୍ତାନ୍ତରଣୀୟ |
| ଲାଭାଂଶ | ସେୟାର ଉପରେ ସୀମିତ ଡିଭିଡେଣ୍ଡ | ବ୍ୟବସାୟର ପରିମାଣ ସମାନୁପାତିକ |
| ଭୋଟ୍ ଅଧିକାର | ଜଣେ ସଦସ୍ୟ ଗୋଟିଏ ଭୋଟ, ମାତ୍ର ସରକାର ଓ ସମବାୟ ରେଜିଷ୍ଟ୍ରାରଙ୍କ ଭିଟୋ କ୍ଷମତା ଥାଏ | ଜଣେ ସଦସ୍ୟ ଜଣେ ଭୋଟ୍, କମ୍ପାନୀ ସହିତ ନେଣଦେଣ କରୁନଥିବା ସଦସ୍ୟ ଭୋଟ ଦେଇପାରିବେ ନାହିଁ |
| ସରକାରୀ ନିୟନ୍ତ୍ରଣ | ବୃହତ୍ତର ସହାୟତା ଏବଂ ହସ୍ତକ୍ଷେପ | ସାମାନ୍ୟ, ବୈଧାନିକ ଆବଶ୍ୟକତା ତକ ସୀମିତ |
| ସ୍ୱାୟତ ଶାସନ ପରିସର | 'ବାସ୍ତବ ବିଶ୍ୱ ପରିଦୃଶ୍ୟ'ରେ ସୀମିତ | ସମ୍ପୂର୍ଣ୍ଣ ସ୍ୱୟଂଶାସିତ, ସ୍ୱାୟତ୍ତ ଶାସନ ଆଇନ ପରିସର ମଧ୍ୟରେ ନିଜ ଦ୍ୱାରା ଶାସିତ |
| ପାଣ୍ଠି ସଂରକ୍ଷଣ | ଲାଭ ହେଲେ ସୃଷ୍ଟି କରାଯିବ | ପ୍ରତିବର୍ଷ ସୃଷ୍ଟି କରିବା ବାଧ୍ୟତାମୂଳକ |
| ଋଣ କ୍ଷମତା | ସୀମାବଦ୍ଧ | ଅଧିକ ସ୍ୱାଧୀନତା ଓ ବିକଳ୍ପ |
| ଅନ୍ୟ କର୍ପୋରେଟ୍ /ବ୍ୟବସାୟ ଅନୁଷ୍ଠାନ/ ଏନ୍‌ଜିଓ ସହ ସମ୍ପର୍କ | ନେଣଦେଣ ଆଧାରରେ | ଉତ୍ପାଦନକାରୀ ଓ କର୍ପୋରେଟ୍ ମିଶି ଉତ୍ପାଦକ କମ୍ପାନୀ ଚାଲୁ କରିପାରିବେ |

ଉତ୍ପାଦନକାରୀଙ୍କ ସମବାୟର ପାରମ୍ପରିକ ମଡେଲ ତୁଳନାରେ ଉତ୍ପାଦକ କମ୍ପାନୀ ଅନେକ କ୍ଷେତ୍ରରେ ଉପଯୋଗୀ ଥିବାରୁ ଏହା କୃଷକ/ଉତ୍ପାଦନକାରୀ ଓ ପ୍ରୋତ୍ସାହକ ସଂସ୍ଥା ନିକଟରେ ଅଧିକ ଲୋକପ୍ରିୟ ହେବାରେ ଲାଗିଛି । ଉତ୍ପାଦକ କମ୍ପାନୀଜ ଆକ୍ଟ ସମବାୟର ମୂଳ ସିଦ୍ଧାନ୍ତ ଓ ସ୍ୱଭାବ ବଞ୍ଚାଇ ରଖିବା ସହିତ ପରିଚାଳନାରେ ପେସାଦାର ମନୋବୃତ୍ତିକୁ ସଂଚାରିତ କରାଇଥାଏ ।

ଟେବୁଲ୍-୧- ଉତ୍ପାଦକ କମ୍ପାନୀ ଓ ଉତ୍ପାଦକ ସମବାୟ ମଧ୍ୟରେ ଏକ ତୁଳନାତ୍ମକ ବିଶ୍ଳେଷଣ ପ୍ରଦାନ କରିଛି ଏହି ଦୁଇ ଆଇନର ମୌଳିକ ପରିସରରେ ଥିବା ପ୍ରଭେଦ ଜାଣିବା ନିମନ୍ତେ ଯାହା ଉତ୍ପାଦକ ସଂଗଠନର ଅନ୍ତର୍ଭୁକ୍ତିକରଣ ପାଇଁ ସକ୍ଷମ କରେ । ଅନେକ କ୍ଷେତ୍ରରେ ସମବାୟ ଅପେକ୍ଷା ଉତ୍ପାଦକ କମ୍ପାନୀରେ ଅନ୍ତର୍ନିହିତ ଫାଇଦା ଅଧିକ । ବିଶେଷ କରି ଉତ୍ପାଦକ କଂପାନୀ କ୍ଷେତ୍ରରେ ସରକାରୀ ନିୟନ୍ତ୍ରଣ କମ୍ ଥିବାବେଳେ ସମବାୟ ଅନୁଷ୍ଠାନଗୁଡ଼ିକ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥାନ୍ତି । ସରକାର ଯେତେବେଳେ ଚାହାନ୍ତି, ସମବାୟ ସମୂହର ନିବନ୍ଧକ(ଆର୍‌ସିଏସ୍) ଅତ୍ୟଧିକ କ୍ଷମତା ପ୍ରୟୋଗ କରି ସମବାୟମାନଙ୍କୁ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କରିଥାନ୍ତି ଯାହାକି ସମବାୟ ଅନୁଷ୍ଠାନର ଅଭିବୃଦ୍ଧିରେ କଣ୍ଠରୋଧ କରିଥାଏ । ସଂପ୍ରତି ଅଧିକାଂଶ ସମବାୟ ଅନୁଷ୍ଠାନ ଘୋର ଆର୍ଥି ସଂକଟର ସମ୍ମୁଖୀନ ଏବଂ ଅନେକ ସମୟରେ ସେମାନେ ନିଜର ଅସ୍ତିତ୍ୱ ନିମନ୍ତେ ସରକାରୀ ରିହାତି ଉପରେ ଭାରୀ ନିର୍ଭରଶୀଳ । ସମବାୟର ଏହିପରି କିଛି ଅସୁବିଧା ଦୂରକରିବା ପାଇଁ 'ମ୍ୟୁଚୁଆଲିଏଡ଼େଡ୍ କୋଅପରେଭି ସୋସାଇଟି ଆକ୍ଟ'(ଏମ୍‌ଏସିଏସ୍) ପ୍ରଚଳନ କରାଯାଇଛି । ତଥାପି ଅଧିକାଂଶ ରାଜ୍ୟ ଏମ୍‌ଏସିଏସ୍‌କୁ ଗ୍ରହଣ କରିନାହାନ୍ତି । ଅନେକ ସାମଗ୍ରୀ ସମବାୟ ମଧ୍ୟ ଏମ୍‌ଏସିଏସ୍ ପରିସରକୁ ଆସିପାରି ନାହାନ୍ତି ।

## ୧.୨ ଉତ୍ପାଦକ କମ୍ପାନୀର ପ୍ରମୁଖ ବିଶେଷତ୍ୱ

◊ ଏହା ଏକ କର୍ପୋରେଟ୍ ସଂସ୍ଥା ଯାହା ଭାରତୀୟ କମ୍ପାନୀ (ସଂଶୋଧିତ) ନିୟମ,୨୦୦୨ରେ ପଞ୍ଜିକୃତ ହୋଇଥାଏ । କମ୍ପାନୀର ମାଲିକାନା ଏବଂ ସଦସ୍ୟତା 'ପ୍ରାଥମିକ ଉତ୍ପାଦନକାରୀ' ବା 'ଉତ୍ପାଦନକାରୀ ଅନୁଷ୍ଠାନ' ଦ୍ୱାରା ହୋଇଥାଏ ଏବଂ ସଦସ୍ୟଙ୍କ ଅଂଶକୁ ବେପାର କରାଯାଇ ପାରେନାହିଁ । ତେବେ ଏହା କେବଳ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶକ ମଣ୍ଡଳୀଙ୍କ ଅନୁମତିରେ ହସ୍ତାନ୍ତର କରାଯାଇ ପାରିବ ।

◊ ଉତ୍ପାଦକ କମ୍ପାନୀ ନିୟମର ୫୮୧-ଇ ଠାରୁ ୫୮୧-ଡଝ ପର୍ଯ୍ୟନ୍ତ ଯାହାକି ଏକ ଉତ୍ପାଦକ କମ୍ପାନୀକୁ ଏକ ସାଧାରଣ ପ୍ରାଇଭେଟ୍ ବା ଲିମିଟେଡ୍ କମ୍ପାନୀଠାରୁ ଭିନ୍ନ କରୁଛି ତାହା ବ୍ୟତୀତ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ଅନ୍ୟ ଧାରାଗୁଡ଼ିକ ଉତ୍ପାଦକ କମ୍ପାନୀ କ୍ଷେତ୍ରରେ

(refer to the Producer Company Act for details)

- The liabilities of the PC is limited to the value of the share capital it has issued. Similarly the member's liability is limited to the value of share capital held by them. The minimum authorized capital at the time of incorporation of PC should be Rs.5 lakh. The authorised capital is such that a company has been authorized to raise by way of equity shares through the Articles of Association/Memorandum of Association of the PC. This is typically the capital at the time it has been incorporated

- Minimum number of producers required to form a PC is 10, while there is no limit for maximum number of members and it can be increased as per feasibility and need. However, based on the experience (not to be treated as prescribed) it is found that for agriculture based PC 800-1000 farmers with about 1000-1500 acre of agriculture land is a good size for initial years to make it economically viable and increasing up to 2000 as the company grows. There cannot be any government or private equity stake in the producer companies, which implies that PC cannot become a public or deemed public limited company

The area of operation for a PC is the entire country

### 1.3 EXPERIENCE OF ASA IN ESTABLISHING PCs

Since late 2004, ASA has been promoting the concept of Producer Companies in M.P. and Bihar. So far it has promoted 16 PCs with over 30000 small and marginal farmers in the resource poor regions of M.P. and Bihar, with an average membership of about 2000 farmers per PC.

There is a professional management team in each of these PCs which carries out the operations under the directions of the Board of Directors (BoD) of the respective PC. The responsibility of the Management Team also includes building the capacity of the BoD by providing hand holding support. These PCs are mainly into agribusiness and that too focused largely on the crop seed production, processing and marketing of agriculture produces, the activities which give higher return on investment and also ensure availability of quality seeds to its members. The average annual business turnover of each of these PCs is about ₹ 10 million. However, there are exceptions with a few which have reached a business turnover of around ₹ 25-35 million annually within 3-4 years of their operation after incorporation. The reasons for high growth in these PCs can be attributed to:

- energetic management team and the BoD;
- cooperation from banking institutions which provided hassle free loans to the PC for working capital; and
- a clearly identified business opportunity that gives a high RoI.

A tentative assessment suggests that the benefits to a member are multifarious and in the form of:

- timely and easily availability of fertilizers, seeds and other agriculture inputs at a reasonable rate;
- bulk selling of agriculture produce for better price;
- extension services received by the farmers which the PC had arranged with the agriculture department or from other service providers;
- receiving of cash dividends from the PC.

No detailed study has been conducted yet, to ascertain the benefits in monetary terms. However, the members are happy with the services of the PC and there is a tendency of increased participation in the affairs of the PC by the members.

The efforts of ASA have brought in several policy changes in favour of producers organisations in Madhya Pradesh (MP). Besides several tax related relaxations the most significant one being the decision of providing management cost support to a PC for a period of three years and a one time working capital support of ₹ 25 Lacs to the PC by the GoMP. Also the Government of Madhya Pradesh has agreed to provide them with land and machinery for business needs on merit basis. All these policy decisions are notified in the Government gazette.

The point worth mentioning here is that like any other institution the financial viability and the institutional sustainability are two core factors that determine the sustainability of the PC. Also the success of the

ପ୍ରଯୁଜ୍ୟ । ସବିଶେଷ ବିବରଣୀ ଉତ୍ପାଦକ କମ୍ପାନୀ ଆକ୍ଟରେ ଉଲ୍ଲିଖିତ ।

◊ ଉତ୍ପାଦକ କଂପାନୀର ଦେୟତା ଏହା ଜାରି କରିଥିବା ଅ ଂଶଧନ ମୂଲ୍ୟରେ ସୀମିତ। ସେହିଭଳି ସଦସ୍ୟଙ୍କ ଦେୟତା ସେମାନଙ୍କ ପାଖରେ ଥିବା ଅଂଶଧନ ମୂଲ୍ୟରେ ସୀମିତ। ଅନ୍ତର୍ଭୁକ୍ତୀକରଣ ସମୟରେ ପ୍ରୋତ୍ସାହକ କଂପାନୀ (ପି.ସି.) ର ସର୍ବନିମ୍ନ କ୍ଷମତାପ୍ରାପ୍ତ ଧନରାଶି ୫ ଲକ୍ଷ ଟଙ୍କା ହେବା ଉଚିତ୍। କ୍ଷମତାପ୍ରାପ୍ତ ଧନରାଶି ଯାହା ଉତ୍ପାଦକ କଂପାନୀ (ପି. ସି.) ଇକ୍ୟୁଟି ସେୟାର ଦ୍ୱାରା ଆର୍ଟିକିଲ ଅଫ୍ ଆସୋସିଏସନ/ ମେମୋରାଣ୍ଡମ ଅଫ ଆସୋସିଏସନ ମାଧ୍ୟମରେ ଉଠାଇବା ପାଇଁ କ୍ଷମତା ପ୍ରାପ୍ତ ହୋଇପାରିବ । ଅନ୍ତର୍ଭୁକ୍ତୀକରଣ ସମୟରେ ଏହା ହିଁ ଆଦର୍ଶରୂପୀ ଧନରାଶି ।

◊ ପି.ସି. ଗଠନ ପାଇଁ ସର୍ବନିମ୍ନ ଉତ୍ପାଦନକାରୀଙ୍କ ସଂଖ୍ୟା ହେଉଛି ୧୦ । ସର୍ବାଧିକ ସଦସ୍ୟଙ୍କ ସଂଖ୍ୟାର ସୀମାରେଖା ନାହିଁ । ଅ ାବଶ୍ୟକତା ଓ ସମ୍ଭାବ୍ୟତା ଅନୁଯାୟୀ ସଂଖ୍ୟା ବଢା ଯାଇପ ାରିବ, ତେବେ ଅଭିଜ୍ଞତାକୁ ଆଧାର କରି(ନିର୍ଦ୍ଧାରଣ ଅନୁଯାୟୀ ବ୍ୟବହାର କରାଯିବନି) ଦେଖାଯାଇଛି ଯେ, କୃଷି ଆଧ ାରିତ ଉତ୍ପାଦକ କଂପାନୀ ନିମନ୍ତେ ପ୍ରାରମ୍ଭିକ ବର୍ଷମାନଙ୍କରେ ଆର୍ଥିକ ସାଧନକ୍ଷମ ହେବା ପାଇଁ ୮୦୦-୧୦୦୦ କୃଷକ ସହ ୧୦୦୦-୧୫୦୦ ଏକର ଚାଷ ଜମି ଏକ ଉତ୍ତମ ଆକାର ଯାହାକି କଂପାନୀର ବୃଦ୍ଧି ସହ ୨୦୦୦ ପର୍ଯ୍ୟନ୍ତ ବଢି ପାରିବ । ଉତ୍ପାଦକ କମ୍ପାନୀରେ କୌଣସି ସରକାରୀ ବା ବେସରକାରୀ ଇକ୍ୟୁଟି ଦାବି ନଥାଏ, ଯାହାକି ଦର୍ଶାଇଥାଏ ପି.ସି. କେବେ ବି ଏକ ରାଷ୍ଟ୍ରାୟତ୍ତ ବା ଡିମ୍ଡ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ହୋଇ ପାରିବନି ।

ପି.ସି.ର କାର୍ଯ୍ୟ କ୍ଷେତ୍ର ସମଗ୍ର ଦେଶ ।

## ୧.୩ ପି.ସି. ସ୍ଥାପନରେ ଆଶାର (ଏଏସ୍ଏ)ଅଭିଜ୍ଞତା

ଗତ ୨୦୦୪ ମସିହାରୁ ମଧ୍ୟପ୍ରଦେଶ ଏବଂ ବିହାରରେ ଉତ୍ପାଦକ କମ୍ପାନୀର ଧାରଣାକୁ ଆଶା (ଏଏସ୍ଏ) ବଢାଇ ଚାଲିଛି । ମଧ୍ୟପ୍ରଦେଶ ଏବଂ ବିହାରର ସ୍ୱଚ୍ଛ ସମ୍ବଳ ଅଞ୍ଚଳରେ ୩୦.୦୦୦ରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ନେଇ ୧୬ଟି ପି.ସି. କୁ ଏ ପର୍ଯ୍ୟନ୍ତ ବିକଶିତ କରିପ ାରିଛି । ପ୍ରତି ଉତ୍ପାଦକ କମ୍ପାନୀରେ ହାରାହାରି ୨୦୦୦ କୃଷକ ସଦସ୍ୟ ରହିଛନ୍ତି ।

ସମ୍ପୃକ୍ତ ପି.ସି.ର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ପି.ସି. ରେ ଏକ ପେସାଦାର ପରିଚାଳନା ଦଳ କାର୍ଯ୍ୟକ୍ରମ ପରିଚାଳନା କରନ୍ତି । କାର୍ଯ୍ୟକ୍ଷେତ୍ରରେ ସାଥିରେ ରହି ଆବଶ୍ୟକୀୟ ସହାୟତା ଯୋଗାଇ ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦକ୍ଷତା ବୃଦ୍ଧି କରିବା ମଧ୍ୟ ଏହି ପରିଚାଳନା ଦ ଳର ଦାୟିତ୍ୱ । ଏହି ପି.ସି. ଗୁଡିକ ମୁଖ୍ୟତଃ କୃଷି ବ୍ୟବସାୟ ଓ ଶସ୍ୟ ବୀଜ ଉତ୍ପାଦନ, ପ୍ରକ୍ରିୟାକରଣ, କୃଷିଜାତ ସାମଗ୍ରୀର ବଜାରୀକରଣ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିଥାନ୍ତି । ଏହାଦ୍ୱାରା ନିବେଶରୁ ସର୍ବାଧ ିକ ଲାଭ ମିଳିବା ସହିତ ଏହାର ସଦସ୍ୟମାନେ ଉତ୍ତମ ମାନର ବୀଜ ପାଇପାରନ୍ତି । ଏହି ପି.ସି. ଗୁଡିକର ହାରାହାରି ବାର୍ଷିକ ବ୍ୟବସାୟ କାରବାର ପାଖାପାଖି ୧୦ ନିୟୁତ ହୋଇଥାଏ । ତେବେ କେତେକ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଘଟି ଅନ୍ତର୍ଭୁକ୍ତୀକରଣ ୩-୪ ବର୍ଷ ଭିତରେ କେତେକଙ୍କର ବାର୍ଷିକ କାରବାର ୨୫ରୁ ୩୫ ନିୟୁତ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଏ । ଏହି ସବୁ ପି.ସି.ଗୁଡିକର ଉଚ୍ଚ ଅଭିବୃଦ୍ଧିର କାରଣଗୁଡିକ ହେଉଛି-

◊ କର୍ମଠ ପରିଚାଳନା ଦଳ ଓ ନିର୍ଦ୍ଦେଶକ ମଣ୍ଡଳୀ

◊ ବ୍ୟାକିଙ୍ଗ ଅନୁଷ୍ଠାନର ସହଯୋଗ ଯେଉଁମାନେ କି ପି.ସି. ଗୁଡିକୁ ବିନା ବାଧାରେ ଋଣ ଯୋଗାନ୍ତି ଏବଂ

◊ ଏକ ସ୍ପଷ୍ଟ ଚିହ୍ନଟ ବ୍ୟବସାୟ ସୁଯୋଗ ଯାହା ନିବେଶର ଉଚ୍ଚ ପ୍ରତିଫଳ ଦେଇଥାଏ ।

ଏକ ପରୀକ୍ଷାମୂଳକ ଆକଳନ ଅନୁଯାୟୀ ଜଣେ ସଦସ୍ୟ ଏଥିରୁ ବିବିଧ ଲାଭ ପାଇଥାଏ ଏବଂ ସେଗୁଡ଼ିକ ହେଉଛି:

◊ ସଠିକ୍ ସମୟରେ ଓ ସହଜରେ ଉଚିତ ମୂଲ୍ୟରେ ସାର, ବୀଜ ଓ ଅନ୍ୟ କୃଷି ସାମଗ୍ରୀ ମିଳିଥାଏ ।

◊ ଉଚ୍ଚତର ମୂଲ୍ୟରେ କୃଷି ଉତ୍ପାଦର ବୃହଦାକାର ବିକ୍ରି

◊ କୃଷି ବିଭାଗ ବା ଅନ୍ୟ ସେବା ପ୍ରଦାନକାରୀଙ୍କଠାରୁ ମିଳୁଥିବା ସଂପ୍ରସରଣ ସେବା ଯାହାକୁ ପି.ସି. ଆୟୋଜନ କରିଥାଏ ତାହା କୃଷକଙ୍କୁ ମିଳିଥାଏ

◊ ପି.ସି.ଠାରୁ ଅର୍ଥ ଲାଭାଂଶ ପ୍ରାପ୍ତି

ଆର୍ଥିକ କ୍ଷେତ୍ରରେ ମିଳୁଥିବା ଲାଭ ସମ୍ପର୍କରେ ଜାଣିବା ପାଇଁ ଏ ପର୍ଯ୍ୟନ୍ତ ସବିଶେଷ ଅଧ୍ୟୟନ କରାଯାଇନାହିଁ । ସେ ଯାହା ହେଉନା କାହିଁକି ପି.ସି.ର ସେବାରେ ସଦସ୍ୟମାନେ ସନ୍ତୁଷ୍ଟ ଏବଂ ପି.ସି. ବ୍ୟାପାରରେ ଅଧିକ ଅଂଶଗ୍ରହଣ କରିବା ଅଭିପ୍ରାୟ ସଦସ୍ୟମାନଙ୍କ ମଧ୍ୟରେ ପ ରିଲକ୍ଷିତ ହେଉଛି ।

ମଧ୍ୟପ୍ରଦେଶରେ ଆଶାର ଉଦ୍ୟମ ଯୋଗୁଁ ଉତ୍ପାଦକ ସଂଗଠନ ସପ କ୍ଷରେ ବହୁ ନୀତି ପରିବର୍ତ୍ତନ କରାଯାଇଛି । ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଅନେକ କର ସମ୍ବନ୍ଧୀୟ କୋହଳ ବ୍ୟବସ୍ଥା ବ୍ୟତୀତ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଲା ତିନି ବର୍ଷ ପାଇଁ ଏକ ପି.ସି.କୁ ପରିଚାଳନା ଅର୍ଥ ସହାୟତା ଏବଂ ଏକକାଳୀନ ୨୫ ଲକ୍ଷ ଟଙ୍କାର କାର୍ଯ୍ୟକାରୀ ପୁଞ୍ଜି ସହାୟତା ପ୍ରଦାନ ଯୋଗ୍ୟତା ଅନୁଯାୟୀ ସେମାନଙ୍କୁ ଜମି ଓ ବ୍ୟବସାୟ ଆବଶ୍ୟକତା ପାଇଁ କଳକବ୍ଜା ଯୋଗାଇ ଦେବାକୁ ମଧ୍ୟପ୍ରଦେଶ ସରକାର ରାଜି ହୋଇଛନ୍ତି । ସରକାରୀ ଗେଜେଟ୍‌ରେ ଏହିସବୁ ନିଷ୍ପତ୍ତି ନୀତି ପ୍ରକାଶ ପାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଅନ୍ୟ ଅନୁଷ୍ଠାନ ଭଳି ଆର୍ଥିକ ସାଧନଯୋଗ୍ୟତା ଓ ଅନୁଷ୍ଠାନର ସ୍ଥାୟିତ୍ୱ ହେଉଛି ଦୁଇଟି ମୁଖ୍ୟ କାରଣ ଯାହା ପି.ସି.ର ତିଷ୍ଠି ରହିବାକୁ ନିର୍ଦ୍ଧାରଣ କରିବ । ଉତ୍ପାଦକ ସଂଗଠନର ସଫଳତା ପ୍ରୋତ୍ସାହକ ସଂସ୍ଥାର କୌଶଳ ଓ ପ୍ରତିଶ୍ରୁତିବଦ୍ଧତା ଉପରେ ଅଧିକ ନିର୍ଭର କରିବ ।

producer's collectives would largely depend on the skill and commitment of the promoting agency. The real challenge in building such institution is how to connect the individual producer to the governing system of the producer's organisation. The agency promoting the producers organisation has to pursue both the social and economic objectives simultaneously. It is therefore a long drawn agenda irrespective of the legal format under which these institutions are formed. An enabling legal format can facilitate the process well but cannot ensure a profitable institution without a proper process followed.

ଏହିଭଳି ଅନୁଷ୍ଠାନ ଗଠନର ବାସ୍ତବ ଆହ୍ୱାନ ହେଉଛି ଉତ୍ପାଦକ ଅନୁଷ୍ଠାନର ଶାସନ ପଦ୍ଧତି ସହିତ ବ୍ୟକ୍ତିଗତ ଉତ୍ପାଦକଙ୍କୁ କିପରି ଯୋଡିବା । ଉତ୍ପାଦକ ସଂଗଠନ ପ୍ରୋତ୍ସାହକ ସଂସ୍ଥା ସମାନ୍ତରାଳ ଭାବେ ସାମାଜିକ ଓ ଆର୍ଥିକ ବୈଶିଷ୍ଟ୍ୟ ଉପରେ ବାରମ୍ବାର ଆଲୋଚନା କରିବା ଦରକାର । ଯେଉଁ ଅ ।ଇନଗତ ପଦ୍ଧତିରେ ଏହି ଅନୁଷ୍ଠାନଗୁଡିକ ଗଠିତ ତାହା ନିର୍ବିଶେଷରେ ଏହା ଏକ ଲମ୍ବା କାର୍ଯ୍ୟସୂଚୀ । ଏକ ସମର୍ଥକାରୀଆଇନଗତ ପଦ୍ଧତି ଏହି ପ୍ରକ୍ରିୟାକୁ ସୁଗମ କରିପାରେ କିନ୍ତୁ ସଠିକ୍ ପ୍ରକ୍ରିୟା ଅନୁସରଣ ନକଲେ ଏହା ଏକ ଲାଭଦାୟୀ ଅନୁଷ୍ଠାନ ହୋଇ ପାରିବନି ।

CHAPTER 2

# INCORPORATION OF A PRODUCER COMPANY

*(This chapter is divided in two parts. The first part deals with process to be followed at field level and the preparations required for forming a PC. The second part of the chapter focuses on the legal requirements for establishing a PC and processes involved in it.)*

*The Producer Company Act. 2002 does not provide any guidelines or directions about the mobilization and social processes that need to be followed while forming PC. Also, there are not many literatures available capturing the hands on experience in establishing producer companies mainly due to the fact that there are limited initiatives currently going on in India on the PC. Hence, what is written in the following paragraphs about the social processes is largely drawn from ASA's experiences of establishing PC in M.P. and Bihar and that too primarily for the agriculture produces. Also these experiences are context specific and may vary with the change in context as it happens with any social processes. An attempt has been made here to write on those aspects related to social processes which normally come in the minds of practitioners before embarking on setting up a producer company.*

## 2.1 HOW DIFFERENT SHOULD BE THE SOCIAL PROCESSES WHILE SETTING UP A PC VIS A VIS A COMMUNITY BASED ORGANISATION (CBO)?

The point to be kept in mind that PC is also a Community Based Organisation (CBO) with a shared objective, mutually agreed plan of actions, shared responsibilities and benefits and a mechanism of functioning where the decisions are taken by the opinions of majority. Hence, the processes of building organization can not be different in case of PC than what is generally followed for any CBOs. Generally the processes start with the conceptualization of the idea by the initiator about the objective and structure of the CBO that is intended to be formed in a given situation. It is the initiator, normally an external person or agency, takes the lead and in consultation with the potential members of the CBO forms the organization and continues to provide support till it is stable and growing. In this trajectory the role of initiator or promoting agency changes from Initiator to Facilitator. This is depicted in a diagram below.

FIGURE 1: CHANGE IN ROLE OF INITIATOR AS THE CBO MATURES




The diagram shows that as the capacity within the people and the CBO increases, the role of the promoting agency changes from one of initiator to that of a facilitator. As this takes place, the methods of participation for dialogue also change. This does not anyway suggest that the promoting agency has to continue to provide support all through the life of the PC. Depending upon the capacity of the PC the promoting agency can plan for exit strategy. However, this situation is so contextual that no specific time frame can be prescribed for the exit of the promoting agency. The bottom line for exit should be decided on the basis of PC's capacity to run the business without support from any external agency.

ଅଧ୍ୟାୟ- ୨

# ଏକ ଉତ୍ପାଦକ କମ୍ପାନୀର ଅନ୍ତର୍ଭୁକ୍ତୀକରଣ

*(ଏହି ଅଧ୍ୟାୟଟି ୨ ଭାଗରେ ବିଭକ୍ତ । ପ୍ରଥମ ଭାଗରେ ରହିଛି କ୍ଷେତ୍ରସ୍ତରରେ ଗ୍ରହଣ କରାଯାଇଥିବା କାର୍ଯ୍ୟବିଧି ଏବଂ ଏକ ପି.ସି. ଗଠନରେ ଆବଶ୍ୟକ ପ୍ରସ୍ତୁତି । ଅଧ୍ୟାୟର ଦ୍ୱିତୀୟ ଭାଗ ଏକ ପି.ସି. ଗଠନରେ ଆଇନଗତ ଆବଶ୍ୟକତା ଏବଂ ସନ୍ନିବେଶିତ କାର୍ଯ୍ୟବିଧି ଉପରେ କେନ୍ଦ୍ରିତ ।)*

*ପି.ସି. ଗଠନରେ କି ପ୍ରକାର ଅନୁପ୍ରେରଣା ଏବଂ ସାମାଜିକ ପ୍ରକ୍ରିୟାଅବଲମ୍ୱନ କରିବାକୁ ହେବ ସେନେଇ ଉତ୍ପାଦକ କମ୍ପାନୀ ଆଇନ ୨୦୦୨ରେ କୌଣସି ଗାଇଡ୍‌ଲାଇନ୍ ବା ନିର୍ଦ୍ଦେଶ ନାହିଁ । ଭାରତରେ ପି.ସି. ଗଠନ ନେଇ ସଂପ୍ରତି, ସୀମିତ ଉପକ୍ରମ ଯୋଗୁଁ ଏ ସମ୍ପର୍କରେ କୌଣସି ଅଭିଜ୍ଞତା ମୂଳକ ବିବରଣୀ ପୁସ୍ତକ ମଧ ମିଳେ ନାହିଁ । ତେବେ ସାମାଜିକ ପ୍ରକ୍ରିୟା ସମ୍ପର୍କରେ ତଳ ଅନୁଚ୍ଛେଦରେ ଯାହା ବର୍ଣ୍ଣନା କରାଯାଇଛି ତାହା କେବଳ ମଧ୍ୟପ୍ରଦେଶ ଓ ବିହାରରେ ପି.ସି. ଗଠନରେ ଆଶା ହାସଲ କରିଥିବା ଅଭିଜ୍ଞତାରୁ ପ୍ରାପ୍ତ ଏବଂ ତାହା ମଧ୍ୟ ମୁଖ୍ୟତଃ କୃଷି ଉତ୍ପାଦ ପାଇଁ । ଏହି ଅଭିଜ୍ଞତା ପ୍ରସଙ୍ଗ ଭିତ୍ତିକ ଏବଂ ପ୍ରସଙ୍ଗ ସହିତ ପରିବର୍ତ୍ତନଶୀଳ ଯାହାକି ଯେକୌଣସି ସାମାଜିକ ପ୍ରକ୍ରିୟାରେ ହୋଇଥାଏ । ଏକ ଉତ୍ପାଦକ କମ୍ପାନୀ ସ୍ଥାପନ ଆରମ୍ଭ କରିବା ପୂର୍ବରୁ ଗଠନକାରୀଙ୍କ ମନ ମଧ୍ୟରେ ଉଦ୍ରେକ ହେଉଥିବା ସାମାଜିକ ପ୍ରକ୍ରିୟାସମ୍ପର୍କରେ ଏଠାରେ ଉଲ୍ଲେଖ କରିବାର ପ୍ରୟାସ କରାଯାଇଛି ।*

## ୨.୧ ଏକ ପି.ସି. ଓ ଏକ ସମୁଦାୟ ଆଧାରିତ ସଂଗଠନ(ସିବିଓ) ସ୍ଥାପନ ବେଳେ ସାମାଜିକ ପ୍ରକ୍ରିୟା କିପରି ଭାବେ ଭିନ୍ନ ହେବା ଉଚିତ୍ ?

ସର୍ବଦା ମନେରଖିବାକୁ ହେବ ଯେ ପି.ସି. ମଧ୍ୟ ଏକ ସମୁଦାୟ ଆଧାରିତ ସଂଗଠନ(ସିବିଓ)ଯାହାର ଲକ୍ଷ୍ୟ ଅନେକଙ୍କ ମଧ୍ୟରେ ବଣ୍ଟିତ କାର୍ଯ୍ୟାବଳୀ ଯୋଜନା ପରସ୍ପରର ସହମତିରେ, ଦାୟିତ୍ୱ ଏବଂ ଲାଭ ବହୁଜନଙ୍କ ମଧ୍ୟରେ ବଣ୍ଟିତ ଏବଂ ବହୁ ମତରେ ନିଷ୍ପତ୍ତି ଗ୍ରହଣ କରି ପରିଚାଳିତ। ତେଣୁ କୌଣସି ସିବିଓ ଗଠନରେ ସାଧାରଣତଃ ଗ୍ରହଣ କରାଯାଉଥିବା ପ୍ରକ୍ରିୟା ଏକ ପି.ସି. ଗଠନ ବେଳେ ଭିନ୍ନ ନୁହେଁ। ସାଧାରଣତଃ ଏକ ପରିସ୍ଥିତିରେ ସିବିଓର ଲକ୍ଷ୍ୟ ଓ ଢାଞ୍ଚା ସମ୍ପର୍କରେ ଏହାକୁ ଆରମ୍ଭ କରିବାକୁ ଯାଉଥିବା ବ୍ୟକ୍ତି ବା ପ୍ରାରମ୍ଭକାରୀ ଧାରଣା କରି ଏହାର ଆରମ୍ଭ କରିଥାନ୍ତି। ପ୍ରାରମ୍ଭକାରୀ ସାଧାରଣତଃ ଜଣେ ବାହାର ବ୍ୟକ୍ତି ବା ସଂସ୍ଥା ଯିଏକି ସିବିଓର ଉତ୍ସାହୀ ସଦସ୍ୟଙ୍କ ସହ ପରାମର୍ଶ କରି ନେତୃତ୍ୱ ନେଇ ଅନୁଷ୍ଠାନ ଗଢ଼ିଥାନ୍ତି ଏବଂ ଏହା ସ୍ଥିର ଓ ବିକାଶ କରିବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରିଚାଲିଥାନ୍ତି। ଏହି ପରିସ୍ଥିତିରେ ପ୍ରାରମ୍ଭକାରୀ ବା ପ୍ରୋତ୍ସାହକ ସଂସ୍ଥାର ଭୂମିକା ପ୍ରାରମ୍ଭକାରୀରୁ ସାହାଯ୍ୟକାରୀକୁ ବଦଳି ଯାଇଥାଏ। ତଳେ ଏକ ଚିତ୍ରରେ ଏହାକୁ ଦର୍ଶାଯାଇଛି।

ଚିତ୍ର ୧: ସିବିଓର ପରିପକ୍ୱତାସହ ପ୍ରାରମ୍ଭକାରୀ ପରିବର୍ତ୍ତିତ ଭୂମିକା




ଏହି ରେଖାଚିତ୍ର ଦେଖାଉଛି ଲୋକ ଏବଂ ସିବିଓ ସାମର୍ଥ୍ୟ ବୃଦ୍ଧି ସହିତ ପ୍ରୋତ୍ସାହକ ସଂସ୍ଥା କିଭଳି ପ୍ରାରମ୍ଭକାରୀରୁ ସାହାଯ୍ୟକାରୀକୁ ବଦଳୁଛି। ଏହା ଯେମିତି ସ୍ଥାନ ନେଉଛି, ବାର୍ତ୍ତାଳାପ ପାଇଁ ଅଂଶ ଗ୍ରହଣର ପଦ୍ଧତି ମଧ ବଦଳୁଛି। ତେବେ ପି.ସି.ର ସମସ୍ତ ଜୀବନକାଳ ପର୍ଯ୍ୟନ୍ତ ପ୍ରୋତ୍ସାହକ ସଂସ୍ଥା ସହାୟତା ଯୋଗାଇ ଦେବା ଅବ୍ୟାହତ ରଖିବ ବୋଲି ଏହା କେବେବି ପ୍ରସ୍ତାବ ଦିଏନାହିଁ। ପି.ସି.ର ସାମର୍ଥ୍ୟକୁ ଚାହିଁ ପ୍ରୋତ୍ସାହକ ସଂସ୍ଥା ପ୍ରସ୍ଥାନର ଯୋଜନା ପ୍ରସ୍ତୁତ କରେ। ତଥାପି ଏହି ପରିସ୍ଥିତି ଏତେ ପ୍ରାସଙ୍ଗିକ ଯେ ପ୍ରୋତ୍ସାହକ ସଂସ୍ଥାର ପ୍ରସ୍ଥାନ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରାଯାଇ ପାରେନା । କୌଣସି ବାହ୍ୟ ସଂସ୍ଥାର ସହାୟତା ବିନା ପି.ସି.ର ବ୍ୟବସାୟ ଚଳାଇ ପାରିବାର ସାମର୍ଥ୍ୟ ଆଧାରରେ ପ୍ରସ୍ଥାନ ନିଷ୍ପତ୍ତି ନିଆଯିବା ଉଚିତ।

## 2.2 WHETHER PRIMARY CBOS (VIZ. SHGS, FOREST COLLECTORS GROUP, WATER USERS GROUP, COMMON INTEREST GROUP, ETC CAN BE TRANSFORMED INTO PC?

It is better to take such approach of organizing the primary groups on the basis of common interest, geographical locations and then federate them as PC to address the bigger issues of integration with the market, value chain development, etc. and that too when such need has been felt by the members of the primary groups. The benefits of taking such approach are:

- ◊ it builds further on the organization building efforts already made with the primary groups.
- ◊ since the primary groups are already strengthened therefore their participation in the process of PC formation will be effective resulting in better leadership and governance of the PC. No detailed study has been conducted yet, to ascertain the benefits in monetary terms. However, the members are happy with the services of the PC and there is a tendency of increased participation in the affairs of the PC by the members.

However, this approach takes little longer time than direct formation of PC through membership campaign. In the cases facilitated by ASA, PCs were formed with the common interest groups, SHGs and Water Users' Groups which were already existing and after formation of the PC the original identity of the CIGs/SHGs/ WUGs was not diluted, they continued to function as the primary groups as earlier.

## 2.3 WHETHER THE PROCESS OF ESTABLISHING PC IS SELF TRIGGERED BY THE MEMBERS THEMSELVES OR EXTERNALLY TRIGGERED?

Usually the process of PC formation is externally triggered by the promoting agency because often poor people do not realize the need to organize and use their organization as a means to fight poverty. Hence, the promoting agency leads the initiative in establishing the PC. This is also true for majority of the initiatives for community based organizations

### 2.3.1 Who can be the Initiator for establishing PC?

- ◊ An NGO working with the primary producers group and willing to introduce the concept of 'Producer Companies' for the economic enhancement of the producers.
- ◊ Any person or group of persons but not necessarily primary producer/s can be the initiator. This could be a socially motivated group of people having no interest for stakes in the PC. Already strengthened CBOs like SHG federation and Cooperative societies can also initiate the process of transforming them into PC. In this case it will be a self triggered initiative.
- ◊ Any Government organization or department can also promote Producer Companies. The Government can approach an NGO, administrative bodies like village panchayat, state departments etc. or any community organization for this purpose. The Government could provide financial and professional support to the implementing bodies.

## 2.4 PREPARATION FOR THE FORMATION OF PC

This stage precedes the process of legally registering the company. As mentioned earlier that the processes related to the mobilization of producers is purely context specific and would vary from case to case. The factors which contribute towards mobilization of producers are many and at times quite complex. However, it is experienced that existence of primary groups in the area, rapport of the external agency and their understanding about the local context and issues, play a significant role in effective mobilization of the producers. However, an attempt has been made to describe the broad general steps that an initiator should follow while taking the producers on board to form the PC. The steps are neither in chronological order nor are in the water tight compartment. The steps could overlap depending upon the situation. The steps are:

- ◊ Before setting off to establish PC the Initiator must be clear with the objective and the potential of the business. S/he must have done the homework well for the area of operation, type and number of producers, assessment of requirement of land, infrastructures, volume of business, working capital requirement, financial viability, procedures of incorporation etc. In short there should be a blue print or plan with the initiator before hand. Needless to mention that the initiator has to take a professional approach in completing these tasks

## ୨.୨ ପ୍ରାଥମିକ ସିବିଓ ଯେପରି- ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ଜଙ୍ଗଲ ସଂଗ୍ରାହକ ଗୋଷ୍ଠୀ, ଜଳ ବ୍ୟବହାରକାରୀ ଗୋଷ୍ଠୀ, ସାଧାରଣ ସ୍ୱାର୍ଥ ରକ୍ଷାକାରୀ ଗୋଷ୍ଠୀ ଆଦି ପି.ସି.କୁ ପରିବର୍ତ୍ତିତ ହୋଇପାରିବେ କି ?

ସାଧାରଣ ସ୍ୱାର୍ଥ, ଭୌଗଳିକ ଅବସ୍ଥିତିକୁ ନେଇ ପ୍ରାଥମିକ ଗୋଷ୍ଠୀ ସଂଗଠିତ କରି ପରେ ଏହାକୁ ପି.ସି.ରେ ସଂଘବଦ୍ଧ ଭାବରେ ଏକତ୍ରିତ କରିବା ଏକ ଉତ୍ତମ ଉପାୟ । ଯାହାଦ୍ୱାରା ବଜାର ସହିତ ସମନ୍ୱୟ ତଥା ମୂଲ୍ୟ ଶୃଙ୍ଖଳ ବିକାଶ ଜନିତ ବୃହତ ପ୍ରସଙ୍ଗର ସମାଧାନ ହୋଇପାରିବ ଯେତେବେଳେ ପ୍ରାଥମିକ ଗୋଷ୍ଠୀର ସଦସ୍ୟମାନେ ତାର ଆବଶ୍ୟକତା ଅନୁଭବ କରିବେ । ଏଭଳି ଉପାୟର ଫାଇଦା ସବୁ ହେଲା-

◊ ପ୍ରାଥମିକ ଗୋଷ୍ଠୀ ଦ୍ୱାରା କରାଯାଇ ସାରିଥିବା ସାଂଗଠନିକ ନିର୍ମାଣ ଉଦ୍ୟମ ପୁଣି ବଢିଥାଏ

◊ ଯେହେତୁ ପ୍ରାଥମିକ ଗୋଷ୍ଠୀଗୁଡ଼ିକ ଶକ୍ତିଶାଳୀ ହୋଇ ସାରିଛନ୍ତି ତେଣୁ ପି.ସି. ଗଠନ ପ୍ରକ୍ରିୟାରେ ସେମାନଙ୍କ ଯୋଗଦାନ ପି.ସି.ର ନେତୃତ୍ୱ ଓ ଶାସନର ସଫଳତାକୁ ବଢ଼ାଇବ । ଆର୍ଥିକ ଦୃଷ୍ଟିରୁ କ'ଣ ସବୁ ଫାଇଦା ମିଳିବ ସେ ସମ୍ପର୍କରେ ଜାଣିବା ପାଇଁ ଏ ପର୍ଯ୍ୟନ୍ତ ସବିଶେଷ ଅଧ୍ୟୟନ କରାଯାଇ ନାହିଁ । ସେ ଯାହାହେଉନା କାହିଁକି ପି.ସି.ର ସେବାରେ ଏହାର ସଦସ୍ୟମାନେ ସନ୍ତୁଷ୍ଟ ଓ ପି.ସି. ବ୍ୟାପାରରେ ଅଧିକ ଅଂଶଗ୍ରହଣ କରିବା ଅଭିପ୍ରାୟ ସଦସ୍ୟମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଛି ।

ତେବେ ସଦସ୍ୟତା ଅଭିଯାନ ମାଧ୍ୟମରେ ସିଧାସଳଖ ପି.ସି.ଗଠନ ପାଇଁ ଯେତିକି ସମୟ ଲାଗେ ଏହି ଉପାୟ ତାଠାରୁ ଅଧିକ ସମୟ ନେଇଥାଏ । ଆଶା ସହଯୋଗରେ ଆଗରୁ ଥିବା ସାଧାରଣ ସ୍ୱାର୍ଥ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜଳ ବ୍ୟବହାରକାରୀ ଗୋଷ୍ଠୀଙ୍କୁ ପି.ସି.ରେ ପରିଣତ କରାଯାଇଥିଲା । ପି.ସି.ରେ ପରିଣତ ହେବା ପରେ ଏହି ଗୋଷ୍ଠୀମାନଙ୍କ ମୌଳିକ ପରିଚୟ ନଷ୍ଟ ହେଉନଥିଲା । ସେମାନେ ପୂର୍ବବତ୍ ପ୍ରାଥମିକ ଗୋଷ୍ଠୀ ଭଳି କାର୍ଯ୍ୟ କରିଚାଲିଛନ୍ତି ।

## ୨.୩ ପି.ସି. ସ୍ଥାପନ ପ୍ରକ୍ରିୟା ସଦସ୍ୟମାନଙ୍କ ଦ୍ୱାରା ସ୍ୱୟଂ ପ୍ରେରିତ ହୋଇଥାଏ ବା ଅନ୍ୟଦ୍ୱାରା ପ୍ରେରିତ ହୋଇଥାଏ ?

ସାଧାରଣତଃ ପି.ସି.ଗଠନର ପ୍ରକ୍ରିୟା ପ୍ରୋତ୍ସାହକ ସଂସ୍ଥା ଦ୍ୱାରା ବାହ୍ୟ ପ୍ରେରିତ ହୋଇଥାଏ । କାରଣ ଗରିବ ଲୋକମାନେ ସଂଗଠିତ ହେବାର ଆବଶ୍ୟକତା ହୃଦୟଙ୍ଗମ କରିନଥାନ୍ତି କି ଦରିଦ୍ର୍ୟ ବିରୋଧରେ ଲଢ଼ିବାକୁ ସେମାନଙ୍କ ସଂଗଠନକୁ ଏକ ମାଧ୍ୟମ ଭାବେ ବ୍ୟବହାର କରିବା ସମ୍ପର୍କରେ ଜାଣିନଥାନ୍ତି । ତେଣୁ ପି.ସି. ସ୍ଥାପନର ଉପକ୍ରମରେ ପ୍ରୋତ୍ସାହକ ସଂସ୍ଥା ନେତୃତ୍ୱ ନେଇଥାଏ । ସମୁଦାୟ ଭିତ୍ତିକ ବହୁ ସଂଗଠନ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ।

### ୨.୩.୧ ପି.ସି. ଗଠନରେ କିଏ ପ୍ରାରମ୍ଭକାରୀ ହୋଇପାରିବ ?

ଏକ ଏନ୍‌ଜିଓ ଯିଏକି ପ୍ରାଥମିକ ଉତ୍ପାଦକ ଗୋଷ୍ଠୀ ସହିତ କାମ କରୁଥିବ ଏବଂ ଉତ୍ପାଦନକାରୀଙ୍କ ଆର୍ଥିକ ଉନ୍ନତି ପାଇଁ ଚଉର ଧାରଣାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାକୁ ଇଚ୍ଛୁକ ଥିବ ।

◊ କୌଣସି ବ୍ୟକ୍ତି ବା ବ୍ୟକ୍ତି ସମୂହ(କିନ୍ତୁ ପ୍ରାଥମିକ ଉତ୍ପାଦକ ହେବା ଜରୁରୀ ନୁହେଁ) ପ୍ରାରମ୍ଭକାରୀ ହୋଇପାରିବେ । 'ପି.ସି.'ର ଲାଭାଂଶରେ ସ୍ୱାର୍ଥ ନଥିବା ସାମାଜିକ ଉନ୍ନତି ଚାହୁଁଥିବା ବ୍ୟକ୍ତି ହୋଇପାରନ୍ତି । ଶକ୍ତିଶାଳୀ ହୋଇ ସାରିଥିବା ସିବିଓମାନେ ଯଥା-ଏସ୍‌ଏଚ୍‌ଜି ଫେଡେରେସନ ଏବଂ ସମବାୟ ସମିତି ସେମାନଙ୍କୁ ପି.ସି.ରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ କରିପାରିବେ । ଏ କ୍ଷେତ୍ରରେ ଏହା ହେଉଛି ସ୍ୱୟଂ ପ୍ରେରିତ ଉପକ୍ରମ ।

◊ କୌଣସି ସରକାରୀ ସଂଗଠନ ବା ବିଭାଗ ମଧ୍ୟ ଉତ୍ପାଦକ କମ୍ପାନୀକୁ ଉତ୍ସାହିତ କରିପାରିବେ । ଏଥିପାଇଁ ସରକାର କୌଣସି ଏନ୍‌ଜିଓ, ପ୍ରାଶାସନିକ ସଂସ୍ଥା ଯେମିତି ଗ୍ରାମ ପଞ୍ଚାୟତ, ରାଜ୍ୟ ବିଭାଗ ବା କୌଣସି ସମୁଦାୟ ସଂଗଠନକୁ ଏଥିପାଇଁ ପ୍ରୋତ୍ସାହିତ କରିପାରିବେ । ଏଥିପାଇଁ କାର୍ଯ୍ୟସଂପାଦନା କରୁଥିବା ସଂସ୍ଥାକୁ ସରକାର ଆର୍ଥିକ ଓ ପେସା ସମ୍ବନ୍ଧୀୟ ସମର୍ଥନ ଯୋଗାଇ ପାରନ୍ତି ।

## ୨.୪ ପି.ସି. ଗଠନ ପାଇଁ ପ୍ରସ୍ତୁତି

ଏହା ହେଉଛି କମ୍ପାନୀର ଆଇନଗତ ପଞ୍ଜିକରଣର ପୂର୍ବସ୍ତର । ଆଗରୁ କୁହାଯାଇଛି ଯେ, ଉତ୍ପାଦକଙ୍କୁ ଅନୁପ୍ରେରିତ କରିବା ସମ୍ବନ୍ଧିତ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ପ୍ରସଙ୍ଗ କୈନ୍ଦ୍ରିକ ଓ ଏହା ସ୍ଥଳ ବିଶେଷରେ ବଦଳି ପାରେ । ଉତ୍ପାଦକଙ୍କୁ ଅନୁପ୍ରେରିତ କରିବା ଉପାଦାନ ଅନେକ ଏବଂ ଅନେକ ସମୟରେ ଏହା ବେଶ୍ ଜଟିଳ । ତେବେ ଅଭିଜ୍ଞତାରୁ ଦେଖାଯାଇଛି ଯେ ଏହି ଅଂଚଳରେ ଆଗରୁ ଥିବା ପ୍ରାଥମିକ ଗୋଷ୍ଠୀ, ବାହ୍ୟ ସଂସ୍ଥାଙ୍କର ସୁସମ୍ପର୍କ ଓ ସ୍ଥାନୀୟ ପ୍ରସଙ୍ଗ ତଥା ସମସ୍ୟା ସମ୍ବନ୍ଧୀୟ ଜ୍ଞାନ ଉତ୍ପାଦକଙ୍କୁ ଅନୁପ୍ରେରିତ କରାଇବାରେ ମୁଖ୍ୟ ଭୂମିକା ତୁଲାଇଥାଏ । ତେବେ ପି.ସି. ଗଠନ ପାଇଁ ବୋର୍ଡ଼ରେ ଉତ୍ପାଦକଙ୍କୁ ସାମିଲ କରାଇଲା ବେଳେ ପ୍ରାରମ୍ଭକାରୀ ଯେପରି ବ୍ୟାପକ ପଦକ୍ଷେପ ଗ୍ରହଣ କରିବେ ତାହାର ବର୍ଣ୍ଣନା ପାଇଁ ଉଦ୍ୟମ କରାଯାଇଛି । ଏହି ପଦକ୍ଷେପଗୁଡ଼ିକ କ୍ରମାନୁସାରେ ନୁହେଁ କି ଅଖଣ୍ଡନୀୟ ବିଭାଗ ନୁହେଁ । ପରିସ୍ଥିତି ଅନୁଯାୟୀ ଅତିଚ୍ଛାଦନ କରାଯାଇ ପାରିବ । ପଦକ୍ଷେପଗୁଡ଼ିକ ହେଲା-

◊ ପି.ସି. ସ୍ଥାପନ ପୂର୍ବରୁ ପ୍ରାରମ୍ଭକାରୀ ବ୍ୟବସାୟର ଉଦ୍ଦେଶ୍ୟ ଓ ସମ୍ଭାବ୍ୟତା ସମ୍ପର୍କରେ ସ୍ପଷ୍ଟ ହେବା ଦରକାର । କାର୍ଯ୍ୟକ୍ଷେତ୍ର, ପ୍ରକାର ଏବଂ ଉତ୍ପାଦକଙ୍କ ସଂଖ୍ୟା, ଆବଶ୍ୟକ ଜମି ଆକଳନ, ଭିତ୍ତିଭୂମି, ବ୍ୟବସାୟ ପରିମାଣ, କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା, ଆର୍ଥିକ ସାଧନଯୋଗ୍ୟତା, ଅନ୍ତର୍ଭୁକ୍ତୀକରଣର ପଦ୍ଧତି ଆଦି ସମ୍ପର୍କରେ ସେ ଭଲଭାବେ ଜାଣି ରଖିଥିବା ଦରକାର । ସ୍ୱଚ୍ଛରେ କହିଲେ ଆରମ୍ଭ ପୂର୍ବରୁ ପ୍ରାରମ୍ଭକାରୀଙ୍କନିକଟରେ ମୂଳ ଯୋଜନା ରହିବା ଦରକାର । ଏଠାରେ ଏହା କହିବା ଅନାବଶ୍ୟକ ଯେ ଏହି ଦାୟିତ୍ୱ ସମ୍ପନ୍ନ ପାଇଁ ପ୍ରାରମ୍ଭକାରୀ ପେସାଦାର ମନୋବୃତ୍ତି ଗ୍ରହଣ କରିବା ସହିତ ବାହ୍ୟ ସହାୟତା ମଧ୍ୟ ନେଇପାରିବ ।

and may need external support.

- ◊ Selection of area of operation on the basis of cluster approach means a cluster of 12-15 villages at least should be targeted. Normally about 800-1000 producers are a good size to form agriculture based PC, however this would change depending upon the products to be handled. Normally selection of the area and the members is done on the basis of the commonalities like produce, farmers' need and common problems they are facing in terms of production and marketing.

- ◊ The initiator starts the process through conducting a series of meetings with the potential producers, developing rapport with them and introducing the concept of PC. The potential socio-economic benefits of PC along with the possible risks and their implication on shareholding members has to be also shared.

- ◊ Once the concept is understood by the potential members, an exposure visit to successful producer companies may be organized to further strengthen the understanding of the identified group of producers. The exposure visit is found to be the better approach in clarifying concepts and methodologies to the potential members in comparison to the class room training. However, the exposure visit should be meticulously planned and facilitated by an experienced person who can explain things in right perspectives. At the later stage when the PC is incorporated the formal training would be required to the BoD members in the areas of (not limited to) for – (a) understanding the PC rules and regulations, (b) statutory requirements to the RoC, (c) business plan of the PC, (d) Government schemes, (e) leadership, (f) basic accounting and record keeping and several such aspects as the need is felt. It is suggested that a capacity building plan for BoDs including the event calendar is prepared every year and reviewed periodically by the promoting agency. The Membership process needs to be explained to the producers. Normally the share value is kept at ₹ 10 per share. The share capital contribution per member depends upon the economic condition of the producers. In the PCs developed by ASA, the number of shares per member ranges from 100 to 200. In some PCs equal number of shares has been distributed to the members, whereas in some cases it varies. There is no bar on the number of shares per member in the Act. However, it is suggested to have equal number of shares among the members to maintain a balance in the power structure of the PC. The norms for distribution of share should be mentioned in the Articles of Association of the PC.

- ◊ The eligible community members are required to apply through a membership application form (specified in the Act.) to the BoD. The General Body (GB) is the final authority to approve or reject the membership application.

- ◊ Once the concept is well accepted, based on the common understanding a business plan is developed in consultation with the members. The business proposal, its viability, market opportunity, size of business and possible benefits of the new enterprises must be shared properly with the potential members. In Chapter 4, the process of business plan development is discussed in detail.

- ◊ Simultaneously, the initiator in consultation and support from the members develops the draft 'Memorandum and Articles of Association' specifying the roles and responsibilities of each of the office bearers of PC. The shareholders have also to finalize the authorized capital[2] of the company and the cost of each share. While finalizing the cost of share and the number of shares per member, the paying capacity of the economically deprived shareholders should also be considered.

- ◊ Once these documents are in place, the first formal meeting of the shareholders should be organized. The basic agenda of this meeting is to get the approval on the Memorandum and Articles of Association as well as select/elect the Board of Directors of the company. However, it is advisable here for the initiator to avoid election at this stage as it can lead to drift amongst members. However, if the situation is conducive for election the Initiator can go for it as the process of election would

[2] The entire process might take two to six months (sometimes more), depending upon the motivation and inclination of the producers.

◊ କ୍ଲଷ୍ଟର ଦୃଷ୍ଟିକୋଣରୁ କାର୍ଯ୍ୟକ୍ଷେତ୍ର, ଚୟନ କରିବା ମାନେ ଗୋଟିଏ କ୍ଲଷ୍ଟର ପାଇଁ ୧୨-୧୫ ଗ୍ରାମକୁ ଲକ୍ଷ୍ୟ ରଖିବା ଆବଶ୍ୟକ। କୃଷି ଭିତ୍ତିକ ପି.ସି.ସ୍ଥାପନ ପାଇଁ ସାଧାରଣତଃ ୮୦୦-୧୦୦୦ ଉତ୍ପାଦକ ଏକ ଉତ୍ତମ ଆକାର। ତେବେ ବ୍ୟବହାର୍ଯ୍ୟ ଉତ୍ପାଦ ଉପରେ ନିର୍ଭର କରି ଏହା ପରିବର୍ତ୍ତନ ହୋଇପାରେ। ସାଧାରଣତଃ ସ୍ଥାନ ଓ ସଦସ୍ୟ ଚୟନ ସମାନତା ଆଧାରରେ କରାଯାଇଥାଏ ଯଥା ଉତ୍ପାଦ, କୃଷକ ଆବଶ୍ୟକତା ଓ ଉତ୍ପାଦନ ଏବଂ ମାର୍କେଟିଂରେ ସମ୍ମୁଖୀନ ହେଉଥିବା ସାଧାରଣ ସମସ୍ୟା।

◊ ସମ୍ଭାବ୍ୟ ଉତ୍ପାଦକଙ୍କ ସହ ବାରମ୍ବାର ବୈଠକ କରି ପ୍ରାରମ୍ଭକାରୀ ଏହି ପଦ୍ଧତି ଆରମ୍ଭ କରିଥାନ୍ତି। ସେମାନଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହିତ 'ପି.ସି.'ର ଧାରଣା ଦିଆଯାଏ। ପି.ସି. ସମ୍ଭାବିତ ସାମାଜିକ-ଆର୍ଥିକ ଫାଇଦା, ତା' ସହ ସମ୍ଭାବ୍ୟ ସଂକଟ ଏବଂ ଏଥିରେ ସେମାନଙ୍କ ଭାଗିଦାରୀତା ସମ୍ପର୍କରେ ସେମାନଙ୍କୁ ଜଣାଇବା ଦରକାର।

◊ ପି.ସି.ର ଧାରଣା ସମ୍ପର୍କରେ ସମ୍ଭାବିତ ଉତ୍ପାଦକମାନେ ଜାଣିଗଲା ପରେ ସେମାନଙ୍କ ଭିତରେ ଏହି ଧାରଣାକୁ ଶକ୍ତିଶାଳୀ କରାଇବା ପାଇଁ ସଫଳ ପି.ସି. ପରିଦର୍ଶନରେ ଚିହ୍ନିତ ଉତ୍ପାଦକ ଗୋଷ୍ଠୀକୁ ନିଆଯାଇପାରିବ। ଦେଖାଯାଇଛି ଯେ ସମ୍ଭାବିତ ସଦସ୍ୟଙ୍କୁ ଧାରଣା ଓ କାର୍ଯ୍ୟପ୍ରଣାଳୀ ସ୍ପଷ୍ଟ କରିବା ନିମନ୍ତେ ବିଷୟବସ୍ତୁ ପରିଦର୍ଶନ ଶ୍ରେଣୀଗୃହ ତାଲିକା ତୁଳନାରେ ଉତ୍ତମ ଉପାୟ। ତେବେ ବିଷୟବସ୍ତୁ ପରିଦର୍ଶନ ଯୋଜନା ସତର୍କତା ସହ ପ୍ରସ୍ତୁତ ହେବା ସହ ଜଣେ ଅଭିଜ୍ଞ ବ୍ୟକ୍ତିଙ୍କ ସହାୟତା ରହିବା ଦରକର ଯିଏକି ବିଷୟଗୁଡିକୁ ଉଚିତ ପରିପ୍ରେକ୍ଷୀରେ ବୁଝାଇପାରୁଥିବେ। ପରବର୍ତ୍ତୀ ସମୟରେ ପି.ସି.ର ଅନ୍ତର୍ଭୁକ୍ତୀକରଣ ପରେ ନିର୍ଦ୍ଦେଶକ ମଣ୍ଡଳୀ(ବିଓଡି) ସଦସ୍ୟଙ୍କ ପାଇଁ ଆନୁଷ୍ଠାନିକ ତାଲିମର ଆବଶ୍ୟକତା ପଡ଼ିପାରେ। ଏହିସବୁ କ୍ଷେତ୍ରରେ (ସୀମିତ ନୁହେଁ) ଯଥା- (ବ) ପି.ସି. ନୀତି ନିୟମ ବୁଝିବାକୁ (ଭ) ଆର୍‌ଓସି ପାଇଁ ବୈଧାନିକ ଆବଶ୍ୟକତା (ମ) ପି.ସି.ର ବ୍ୟବସାୟ ଯୋଜନା (ଯ) ସରକାରୀ ଯୋଜନା (ର) ନେତୃତ୍ୱ (ଲ) ମୌଳିକ ହିସାବ କିତାବ ଏବଂ ରେକର୍ଡ଼ ରଖିବା ଭଳି ଆବଶ୍ୟକତା ସମ୍ପର୍କରେ ଜାଣିବାକୁ। ଏହା ପ୍ରସ୍ତାବ ଦିଆଯାଇଛି ଯେ ବିଓଡି ଦକ୍ଷତା ବୃଦ୍ଧି ଯୋଜନା ସହିତ ପ୍ରତିବର୍ଷ ଘଟଣା କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ ଏବଂ ଏହାକୁ ସମୟାନ୍ତରରେ ପ୍ରୋତ୍ସାହକ ସଂସ୍ଥା ସମୀକ୍ଷା କରିବ। ସଦସ୍ୟତା ପ୍ରକ୍ରିୟା ସମ୍ପର୍କରେ ଉତ୍ପାଦକମାନଙ୍କୁ ବୁଝାଇବାର ଆବଶ୍ୟକତା ରହିଛି। ସାଧାରଣତଃ ପ୍ରତି ସେୟାର(ଅଂଶ) ମୂଲ୍ୟ ୧୦ ଟଙ୍କା ରଖାଯାଇଛି। ସଦସ୍ୟଙ୍କ ସେୟାର ପୁଞ୍ଜି (ଅଂଶଧନ) ଅବଦାନ ଉତ୍ପାଦକଙ୍କ ଆର୍ଥିକ ସ୍ଥିତି ଉପରେ ନିର୍ଭର କରେ। ଏଏସ୍ଏ ଦ୍ୱାରା ବିକଶିତ ପି.ସି.ରେ ପ୍ରତି ସଦସ୍ୟଙ୍କ ସେୟାରଙ୍କ ସଂଖ୍ୟା ୧୦୦ ରୁ ୨୦୦ ପର୍ଯ୍ୟନ୍ତ। କେତେକ ପି.ସି.ରେ ସବୁ ସଦସ୍ୟଙ୍କୁ ସମାନ ସଂଖ୍ୟକ ସେୟାର ମିଳିଥିବାବେଳେ ଆଉ କେତେକରେ ଏହା ଭିନ୍ନ। ଆଇନରେ ସଦସ୍ୟ ପିଛା କେତେ ସେୟାର ମିଳିବ ସେମିତି ନିର୍ଦ୍ଦିଷ୍ଟ କିଛିନାହିଁ। ତେବେ ପି.ସି.ର ଶକ୍ତି ଢାଞ୍ଚାରେ ସନ୍ତୁଳନ ରକ୍ଷା ପାଇଁ ପ୍ରତି ସଦସ୍ୟଙ୍କୁ ସମାନ ସେୟାର ଦେବାକୁ ପ୍ରସ୍ତାବ ଦିଆଯାଉଛି। ସେୟାର ବଣ୍ଟନର ମାନଦଣ୍ଡ ସମ୍ପର୍କରେ ପି.ସି.ର ଆର୍ଟିକିଲ ଅଫ୍ ଏସୋସିଏସନରେ ଉଲ୍ଲେଖ ରଖିବା ଉଚିତ।

◊ ଯୋଗ୍ୟ ସଦସ୍ୟମାନେ ଏକ ସଦସ୍ୟତା ଆବେଦନ ଫର୍ମରେ ବିଓଡି କୁ ଆବେଦନ କରିବାର ଆବଶ୍ୟକତା ରହିଛି।(ଆଇନରେ ନିର୍ଦ୍ଧାରିତ) ସଦସ୍ୟତା ଆବେଦନକୁ ସାଧାରଣ ସଭା (ଜିବି) ଗ୍ରାହ୍ୟ ବା ଅଗ୍ରାହ୍ୟ କରିପାରିବାର ଅନ୍ତିମ ଅଧିକାର ଅଛି।

◊ ଥରେ ଏହି ଧାରଣା ଠିକ୍ ଭାବେ ଗ୍ରହଣ କରିନିଆଗଲେ ସଦସ୍ୟଙ୍କ ସହିତ ପରାମର୍ଶ କରି ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଯାଏ। ସମ୍ଭାବିତ ସଦସ୍ୟଙ୍କ ସହିତ ବ୍ୟବସାୟ ପ୍ରସ୍ତାବ, ବ୍ୟବସାୟ ସାଧନ ଯୋଗ୍ୟତା, ବଜାର ସୁଯୋଗ, ବ୍ୟବସାୟର ଆକାର ଓ ନୂଆ ଉଦ୍ୟୋଗର ସମ୍ଭାବ୍ୟ ଫାଇଦା ସମ୍ପର୍କରେ ଉଚିତ ଭାବେ ଆଲୋଚନା ହେବା ଦରକାର। ଅଧ୍ୟାୟ ୪ରେ ବ୍ୟବସାୟ ଯୋଜନା ବିକାଶ ସମ୍ପର୍କରେ ସବିଶେଷ ବର୍ଣ୍ଣନା କରାଯାଇଛି।

◊ ସେହି ଏକା ସମୟରେ ସଦସ୍ୟଙ୍କ ସହିତ ପରାମର୍ଶ ଓ ସହାୟତାରେ ପ୍ରାରମ୍ଭକାରୀ ପି.ସି.ର ପ୍ରତି କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଓ ଦାୟିତ୍ୱ ନିର୍ଦ୍ଧିଷ୍ଟିତ ଡ୍ରାଫ୍ଟ 'ମେମୋରାଣ୍ଡମ୍ ଆଣ୍ଡ ଆର୍ଟିକଲସ୍ ଅଫ୍ ଆସୋସିଏସନ୍' ପ୍ରସ୍ତୁତ କରିଥାନ୍ତି। କମ୍ପାନୀର ଅଧିକୃତ ପୁଞ୍ଜି ଓ ପ୍ରତି ସେୟାରର ମୂଲ୍ୟ କେତେ ରହିବ ତାହା ଅଂଶୀଦାରମାନଙ୍କୁ ନିର୍ଣ୍ଣୟ କରିବାକୁ ହେବ। ସେୟାରର ମୂଲ୍ୟ ଏବଂ ପ୍ରତି ସଦସ୍ୟଙ୍କୁ କେତେ ଲେଖାଏଁ ସେୟାର ପ୍ରଦାନ କରାଯିବ ସେ ସମ୍ପର୍କରେ ସ୍ଥିର କରିବା ପୂର୍ବରୁ ଆର୍ଥିକ ଭାବେ ବଂଚିତ ଅଂଶୀଦାରଙ୍କ ଦେୟ କ୍ଷମତାକୁ ମଧ ବିଚାରକୁ ନେବା ଉଚିତ୍।

◊ ଏହିସବୁ ନଥିପତ୍ର ପ୍ରସ୍ତୁତ ହେଲାପରେ ଅଂଶୀଦାରଙ୍କର ପ୍ରଥମ ଆନୁଷ୍ଠାନିକ ବୈଠକ ଅୟୋଜନ କରିବା ଉଚିତ୍। ଏହି ବୈଠକର ମୂଳ ଲକ୍ଷ୍ୟ ରହିବ 'ମେମୋରାଣ୍ଡମ ଆଣ୍ଡ ଆର୍ଟିକିଲ୍ସ ଅଫ୍ ଆସୋସିଏସନ୍‌କୁ' ଅନୁମୋଦନ କରାଇବା ଏବଂ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ମନୋନୟନ / ନିର୍ବାଚନ କରାଇବା। ଏଠାରେ ପ୍ରାରମ୍ଭକାରୀଙ୍କ ପାଇଁ ଉଚିତ ହେବ ଯେ ଏହି ସ୍ତରରେ ନିର୍ବାଚନକୁ ଏଡାଇ ଦେବା ଯେହେତୁ ଏହା ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି କରିପାରେ। ତେବେ ପରିସ୍ଥିତି ଯଦି ନିର୍ବାଚନ ପାଇଁ ଅନୁକୂଳ ତା'ହେଲେ ପ୍ରାରମ୍ଭକାରୀ ନିର୍ବାଚନ କରାଇପାରିବେ ଯେହେତୁ ନିର୍ବାଚନ ପ୍ରକ୍ରିୟା ଗଣତାନ୍ତ୍ରିକ କାର୍ଯ୍ୟବିଧି ଓ ସ୍ୱଚ୍ଛତାକୁ ବୃଦ୍ଧିକରେ।

◊ କମ୍ପାନୀର ନିର୍ଦ୍ଦେଶକ ତାଲିକାଓ ମେମୋରାଣ୍ଡମ ଆଣ୍ଡ ଆର୍ଟିକଲ ଅଫ୍ ଆସୋସିଏସନ୍ ପାଇଁ ସଦସ୍ୟଙ୍କ ସହମତି ମିଳିବା ପରେ ପ୍ରାରମ୍ଭକାରୀ ପଞ୍ଜିକରଣ ପ୍ରକ୍ରିୟାରେ ଆଗେଇ ପାରନ୍ତି। ଅଂଶୀଦାରଙ୍କ ମାଧ୍ୟମରେ ସଂଗୃହୀତ ଅର୍ଥକୁ ପଞ୍ଜିକରଣ ପାଉଣା

୨. ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ୨ ରୁ ୬ ମାସ (ଅଧିକ ବି ହୋଇପାରେ) ସମୟ ଲାଗିପାରେ। ଏହା ଉତ୍ପାଦକଙ୍କ ପ୍ରେରଣା ଓ ଆଗ୍ରହ ଉପରେ ନିର୍ଭର କରେ।

enhance the democratic process and transparency.

- After taking the consent of the members on the selected list of directors of the company and the Memorandum and Articles of Association, the initiator can go ahead with the registration process. The amount collected through shareholders could be used for registration fees and other processing related expenditures like fees for Company secretary, stationary, travel etc. In the books of accounts it can be shown as loan taken from the share capital. Once the company mobilises resources through business it can be repaid.

- After having registration of the company, the first General meeting of the shareholders should be conducted within the mandatory 90 days of the registration. Other than discussing the business plan, the General Body has to select/elect the Board of Directors for the next tenure. The proceedings of the meeting should be sent to the Registrar of Company (RoC) within 60 days of the meeting along with the list of finalized BoD.

The entire process might take two to six months (sometimes more), depending upon the motivation and inclination of the producers.

## 2.5 REGISTRATION OF PC

A step-wise basic information for the registration of a `Producer Company' is described as under:

**Step 1: Digital Signature Certificate (DSC)[3]:**
The Information Technology Act, 2000 has the provision of use of Digital Signatures on the documents in order to ensure the security and authenticity of the documents filed electronically. It is now mandatory to have Digital Signature of minimum one Director or Chairman prior to enter the formal registration process. This is the only secure and authentic way that a document can be submitted electronically. As such, all filings done by the companies are required to be filed with the use of Digital Signatures. Thus, it is necessary for a company to authorize a person's signature who will sign the documents.

The prescribed application form for DSC is available at the website of Ministry of Corporate Affairs (henceforth website of MCA)[4]. After filling the required information, the form has to be submitted online to the `Certification Agencies[5]'. The DSCs are typically issued with one to two year validity. These are renewable on expiry of the period of initial issue. The official fee for issuance of DSC is ₹ 1800/-. In addition, the Certification Agency charges a service fee which vary from agency to agency.

**Step 2: Director Identification Number (DIN)**
The DIN number can be obtained online only from the company affairs cell at Noida, UP without any fees by providing identification proof number (Only PAN Card, Voter Identity card, passport or driving license number is accepted). The prescribed form is available in the website of Ministry of Corporate Affairs and the application can be done online.

**Step 3: Naming of a Producer Company[6]**
A Producer Company should be named using the following suffix ".....Producer Company Limited" appropriately indicating its status of producer company. The word "private" is not used in the name and the absence of which does not indicate that the company is a "public".

The procedures for selecting and applying for the availability of name for a Producer Company are:

- Select,in order of preference, at least one suitable name up to a maximum of five names, indicative of the main objects of the company.

- Ensure that the name does not resemble the name of any other already registered company and also does  not violate the provisions of emblems and names (Prevention of Improper Use Act, 1950) by availing the services of checking name availability on the portal ( http://www.mca.gov.in).

- Apply to the concerned Registrar of Companies to ascertain the availability of name in e-Form 1(A)7 by  logging in to the portal (http://www.mca.gov.in). A fee of ₹ 500/-[8] has to be paid alongside and the digital signature of the applicant proposing the company has to be attached in the form. If all the proposed five names are not available, the applicant will be intimated by Registrar of Companies (RoC) and subsequently the applicant has to apply for a

ଏବଂ ଅନ୍ୟାନ୍ୟ କାର୍ଯ୍ୟବିଧି ସମ୍ବନ୍ଧୀୟ ଖର୍ଚ୍ଚ ଯଥା କଂପାନୀ ସେକ୍ରେଟାରୀଙ୍କ ପାଉଣା, ଲେଖା ସାମଗ୍ରୀ, ଭ୍ରମଣ, ଇତ୍ୟାଦି ଖର୍ଚ୍ଚରେ ବ୍ୟବହାର କରାଯାଇପାରିବ। ହିସାବ ଖାତାରେ ଏହି ଅର୍ଥକୁ ଅଂଶଧନରୁ ଋଣ ଗ୍ରହଣ ଭାବେ ଦର୍ଶାଯାଇପାରେ। କମ୍ପାନୀ ବ୍ୟବସାୟ ମାଧ୍ୟମରେ ସମ୍ବଳ ଯୋଗାଡ କରିବା ପରେ ଏହି ଋଣ ପରିଶୋଧ କରାଯାଇପାରିବ ।

◊ କମ୍ପାନୀ ପଞ୍ଜିକରଣ ପରେ ଅଂଶୀଦାରମାନଙ୍କ ପ୍ରଥମ ସାଧାରଣ ବୈଠକ ପଞ୍ଜିକରଣର ୯୦ ଦିନ ମଧ୍ୟରେ କରିବା ବାଧ୍ୟତାମୂଳକ। ଏଥିରେ ବ୍ୟବସାୟ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହ ସାଧାରଣ ସଭା ପରବର୍ତ୍ତୀ କାର୍ଯ୍ୟକାଳ ପାଇଁ ନିର୍ଦ୍ଦେଶକ ମଣ୍ଡଳୀ ମନୋନୟନ/ନିର୍ବାଚନ କରିବ। ସ୍ଥିରୀକୃତ ନିର୍ଦ୍ଦେଶକମଣ୍ଡଳୀ ତାଲିକା ସହିତ ବୈଠକର କାର୍ଯ୍ୟବାହୀ(ପ୍ରୋସିଡିଙ୍ଗସ୍) ସମ୍ପର୍କରେ ୬୦ ଦିନ ମଧ୍ୟରେ ରେଜିଷ୍ଟ୍ରାର ଅଫ୍ କମ୍ପାନୀ(ଆର୍‌ଓସି)ଙ୍କ ନିକଟକୁ ପଠାଇବା ଦରକାର।

ସମ୍ପୂର୍ଣ୍ଣ ପ୍ରକ୍ରିୟା ୨ରୁ ୬ ମାସ(ବେଳେବେଳେ ଅଧିକ) ଲାଗିପାରେ। ଏହା ଉତ୍ପାଦକଙ୍କ ପ୍ରେରଣା ଓ ଆଗ୍ରହ ଉପରେ ନିର୍ଭର କରେ।

## ୨.୫ ପି.ସି. (ଉତ୍ପାଦକ କମ୍ପାନୀ)ର ପଞ୍ଜୀକରଣ

ଏକ 'ଉତ୍ପାଦକ କମ୍ପାନୀର' ପଞ୍ଜିକରଣ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯିବ ତାହା କ୍ରମାନ୍ୱୟରେ ତଳେ ବର୍ଣ୍ଣନା କରାଗଲା।

**ପଦକ୍ଷେପ ୧ : ଡିଜିଟାଲ ହସ୍ତାକ୍ଷର ପ୍ରମାଣପତ୍ର (ଡିଏସ୍‌ସି)**

ନଥିପତ୍ର ନିରାପତ୍ତା ଓ ବିଶ୍ୱାସଯୋଗ୍ୟତା ସୁନିଶ୍ଚିତ କରିବାକୁ ବୈଦ୍ୟୁତିକ ପଦ୍ଧତିରେ ଡିଜିଟାଲ ହସ୍ତାକ୍ଷରଯୁକ୍ତ ତଥ୍ୟ ଉପସ୍ଥାପନ କରିବାକୁ ସୂଚନା ପ୍ରଯୁକ୍ତି ଆଇନ୍ ୨୦୦୦ରେ ବିହିତ ବ୍ୟବସ୍ଥା ରହିଛି। ଆନୁଷ୍ଠାନିକ ପଞ୍ଜିକରଣ ପ୍ରକ୍ରିୟାରେ ପ୍ରବେଶ ପୂର୍ବରୁ ଅତି କମ୍‌ରେ ଜଣେ ନିର୍ଦ୍ଦେଶକ ବା ଅଧକ୍ଷଙ୍କ ଡିଜିଟାଲ ହସ୍ତାକ୍ଷର ବାଧ୍ୟତାମୂଳକ। ବୈଦ୍ୟୁତିକ ମାଧ୍ୟମରେ ନଥିପତ୍ର ଉପସ୍ଥାପନ ପାଇଁ ଏହା ହିଁ କେବଳ ସୁରକ୍ଷିତ ଓ ବିଶ୍ୱସନୀୟ ଉପାୟ । କଂପାନୀର ସମସ୍ତ ନଥିଭୁକ୍ତିକରଣ ବେଳେ ଡିଜିଟାଲ ହସ୍ତାକ୍ଷର ଆବଶ୍ୟକ । କମ୍ପାନୀ ପାଇଁ ଏହା ଆବଶ୍ୟକ ଯେ ସେ ଏଭଳି ଜଣେ ବ୍ୟକ୍ତିଙ୍କ ହସ୍ତାକ୍ଷରକୁ ସ୍ୱୀକୃତ ଦେବେ ଯିଏ ନଥିପତ୍ରରେ ଦସ୍ତଖତ କରିବେ।

ଡିଏସ୍‌ସି ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟ ୱେବ୍‌ସାଇଟ୍‌ରେ ଉପଲବ୍ଧ । ଉପଯୁକ୍ତ ସୂଚନା ସହ ଫର୍ମ ପୂରଣ ପରେ ଏହାକୁ ଅନ୍‌ଲାଇନ୍‌ରେ 'ସାର୍ଟିଫିକେସନ ଏଜେନ୍‌ସିଜ୍' (ପ୍ରମାଣିକରଣ ସଂସ୍ଥା) ନିକଟରେ ଦାଖଲ କରାଯିବ । ଗୋଟିଏ ବା ଦୁଇ ବର୍ଷର ବୈଧତା ସହ ଡିଜିଟାଲ ହସ୍ତାକ୍ଷର ପ୍ରମାଣପତ୍ର ଜାରି କରାଯାଇଥାଏ। ନିର୍ଦ୍ଧାରିତ ସମୟ ଶେଷ ପରେ ଏହାକୁ ନବୀକରଣ କରାଯାଏ। ଡିଜିଟାଲ ହସ୍ତାକ୍ଷର ପ୍ରମାଣପତ୍ର ପ୍ରଦାନ ପାଇଁ ପାଉଣା ହେଉଛି ୧୮୦୦/- ଟଙ୍କା। ଏହା ସହିତ ପ୍ରମାଣିକରଣ ସଂସ୍ଥା ବିଭିନ୍ନ ସେବା ପାଉଣା ବାବଦରେ କିଛି ଅର୍ଥ ଦାବି କରେ ଯାହା ବିଭିନ୍ନ ସଂସ୍ଥା ପାଇଁ ଭିନ୍ନ ହୋଇଥାଏ ।

**ପଦକ୍ଷେପର ୨ : ନିର୍ଦ୍ଦେଶକ ଚିହ୍ନଟ ସଂଖ୍ୟା (ଡିଆଇଏନ୍)**

କେବଳ ନୋଇଡା, ଉତ୍ତର ପ୍ରଦେଶସ୍ଥିତ କମ୍ପାନୀ ବ୍ୟାପାର ସେଲ୍‌ରୁ ଅନ୍‌ଲାଇନ୍ ମାଧ୍ୟମରେ ଡିଆଇଏନ୍ ପାଉଣା ବିନା ଅଣାଯାଇପାରିବ। ଏଥିପାଇଁ ଚିହ୍ନଟ ପ୍ରମାଣ ସଂଖ୍ୟା ପ୍ରଦାନ କରିବାକୁ ହୁଏ। (କେବଳ ପ୍ୟାନ୍‌କାର୍ଡ, ଭୋଟ ପରିଚୟପତ୍ର, ପାସ୍‌ପୋର୍ଟ ବା ଡ୍ରାଇଭିଙ୍ଗ୍ ଲାଇସେନ୍ସ ନମ୍ବର ଗ୍ରହଣ କରାଯାଏ) କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟ ୱେବ୍‌ସାଇଟ୍‌ରୁ ନିର୍ଦ୍ଧାରିତ ଫର୍ମ ମିଳିବ ଓ ଅନ୍‌ଲାଇନ୍‌ରେ ଆବେଦନ କରାଯାଇ ପାରିବ।

**ପଦକ୍ଷେପ ୩ : ଏକ ଉତ୍ପାଦକ କମ୍ପାନୀର ନାମକରଣ**

ଏକ ଉତ୍ପାଦକ କମ୍ପାନୀର ନାମକରଣ ଶେଷରେ ଏହିଭଳି, ପ୍ରତ୍ୟୟ ବ୍ୟବହାର ହେବା ଉଚିତ ଯଥା'..... ଉତ୍ପାଦକ କମ୍ପାନୀ ଲିମିଟେଡ୍' । ଯାହାକି ଉତ୍ପାଦକ କମ୍ପାନୀର ସ୍ଥିତିକୁ ଯଥାର୍ଥ ଭାବେ ସୂଚିତ କରିବ। 'ପ୍ରାଇଭେଟ୍'ଶବ୍ଦଟି ନାମରେ ବ୍ୟବହାର କରାଯିବନି ଏବଂ ଯାହାରା ଅନୁପସ୍ଥିତି ଏହା ସୂଚିତ କରେନାହିଁ ଯେ, କମ୍ପାନିଟି "ପବ୍ଲିକ୍" ବୋଲି ।

ଏକ ଉତ୍ପାଦକ କମ୍ପାନୀର ଉପଲବ୍ଧ ଥିବା ନାମ ଚୟନ ଓ ଆବେଦନ କରିବାର ପଦ୍ଧତିଗୁଡ଼ିକ ହେଲା:-

◊ କମ୍ପାନୀର ମୁଖ୍ୟ ଉଦ୍ଦେଶ୍ୟକୁ ସୂଚିତ କରୁଥିବା ଅଗ୍ରାଧିକାର ଭିତ୍ତିରେ ଅନ୍ତତଃ ଗୋଟିଏରୁ ପାଞ୍ଚୋଟି ଉପଯୁକ୍ତ ନାମ ବାଛନ୍ତୁ ।

◊ ସୁନିଶ୍ଚିତ ହୁଅନ୍ତୁ ସେହି ନାମରେ ଆଗରୁ କୌଣସି କମ୍ପାନୀ ପଞ୍ଜିକୃତ ହୋଇନି ଏବଂ ପ୍ରତୀକ ଓ ନାମ ବିହିତ ଆଇନ ବ୍ୟବସ୍ଥାକୁ ଉଲ୍ଲଂଘନ କରୁନାହିଁ(ପ୍ରିଭେନ୍‌ସନ୍ ଅଫ୍ ଇମ୍ପ୍ରପର୍ ୟୁଜ୍ ଆକ୍ଟ, ୧୯୫୦)। ଏଥିପାଇଁ ଉପଲବ୍ଧ ପୋଟାଲ୍‌ରୁ ନାମ ତନଖି କରିନିଅନ୍ତୁ (ଷଙ୍ଘଙ୍କ://ଙ୍ଗଙ୍ଗଙ୍ଗ.ଙ୍କମବ.ଶକ୍ଟଙ୍ଗ.ସଭ)

◊ ଇ-ଫର୍ମ ୧(ଇ)୭ ରେ ନାମ ଉପଲବ୍ଧ ଜାଣିବା ପାଇଁ ସମ୍ପୃକ୍ତ ରେଜିଷ୍ଟାର ଅଫ୍ କମ୍ପାନୀଙ୍କ ନିକଟକୁ ପୋର୍ଟାଲ୍ ମାଧ୍ୟମରେ(ଷଙ୍ଘଙ୍କ://ଙ୍ଗଙ୍ଗଙ୍ଗ.ଙ୍କମବ.ଶକ୍ଟଙ୍ଗ.ସଭ)ଆବେଦନ କରନ୍ତୁ। ଫର୍ମରେ କମ୍ପାନୀ ଆବେଦକଙ୍କ ଡିଜିଟାଲ ହସ୍ତାକ୍ଷର ରହିବ ଏବଂ ୫୦୦/- ଟଙ୍କାର ପାଉଣା ଭରିବେ। ଯଦି ପ୍ରସ୍ତାବିତ ୫ଟି ଯାକ ନାମ ଲପଲବ୍ଧ ନହୁଏ ତା' ହେଲେ ସେହି ଆବେଦନରେ ଆବେଦକ ଏକ ନୂଆ ନାମ ପାଇଁ ରେଜିଷ୍ଟାର ଅଫ୍ କମ୍ପାନିଙ୍କୁ ଜଣାଇବେ।

◊ ଯଦି ଆବଶ୍ୟକ ହୁଏ, ପି.ସି.ର ନାମ ପରିବର୍ତ୍ତନ କରାଯାଇପାରିବା ସୁଯୋଗ ରହିଛି। ତେବେ ବାରମ୍ବାର ଏପରି କରିବା ସହଜ ନୁହେଁ। କମ୍ପାନୀ ଆଇନ ୧୯୫୬ ଧାରା ୨୧ ଅନୁସାରେ

fresh name on the same application.

Moreover, there is further scope of changing the PC's name, if required. However it is not easy to do it frequently. As per the company Act 1956 section 21, an application to RoC with a supporting of a resolutions passed by 2/3 majority of BoD and 1/3 of General Body and fees of ₹ 500 is required to be submitted along with new proposed name and 4 other alternatives in order of preference.

**Step 4: Memorandum & Articles of Association[9]**
After ascertaining the name of the producer company, a memorandum and articles of association have to be prepared.

- ◊ Memorandum and Articles of Association should be printed (preferably a computer print out - printed on both side of the paper).
- ◊ Get the Memorandum and Articles of Association duly stamped, the Memorandum and Articles of Association subscribed/signed by the requisite number of subscribers/ promoters, in his/her own hand, his/her father's name, occupation, address and the number of shares subscribed for.

Ensure that the Memorandum and Article is dated on a date after the date of stamping.

**Step 5: Documents to be submitted to the RoC for the Incorporation of Producer Company[11]**
File the following documents along with the fees payable[12] with the Registrar of Companies of the state, where the Registered Office of the company is to be situated:

- ◊ Copy of the letter of Registrar of Companies confirming the availability of name for formation of the company should be made;
- ◊ Memorandum and Articles of Association duly stamped and signed;
- ◊ Form 18 regarding situation (full address) of Registered Office[13]
- ◊ Form 32 (in duplicate) regarding particulars of directors[14]
- ◊ Form 1 (on a stamp paper) declaring compliance of all and incidental matters regarding formation of companies[15]
- ◊ Form 29 – consent of the director
- ◊ An affidavit has to be submitted by subscribers, if the Memorandum of Association is submitted in Hindi by subscribers claiming the understanding of same.
- ◊ Power of Attorney.

Please note that all the information and forms are available on the website of MCA (http://www.mca.gov.in) and that the forms can be directly accessed and filled in on-line.

**Step 6: Certificate of Incorporation**

- ◊ The Registrar of the Companies, on being satisfied that all the documents for the incorporation of a company is submitted, he is obliged to register the memorandum, the articles and other documents, if any, and issue a 'certificate of incorporation' within thirty days, which is a conclusive proof of its formation in terms of Part IX A. [Section 581C (2)].
- ◊ The incorporation of Producer Company is effective from the date mentioned in the certificate of registration granted by the Registrar of Company.
- ◊ On incorporation, a company becomes a juristic person, i.e. a person in the eyes of law. It has perpetual succession i.e. its members may come



[4] http://www.mca.gov.in
[5] Certification Agencies are appointed by the office of the Controller of Certification Agencies (CCA) under the provisions of IT Act, 2000. There are a total of seven Certification Agencies authorised by the CCA to issue the Digital Signature Certificates (DSCs). The details of these Certification Agencies are available on the portal of the Ministry of Corporate Affairs www.mca.gov.in
[6] As per the Companies (Amendment) Act, 2002, Section No. 581B.
[7] Pursuant to Section 20 & 21 of the Companies Act 1956.
[8] Fees should be deposited in the regional bank authorised by the MCA.
[9] A small write-up on Memorandum of Association and Articles is given in Appendix 2.
[10] Stamping should be done in accordance with the requirement of the Indian Stamp Act, 1899 and the applicable rate depending on the State where the Registered Office of the company is to be situated.
[11] The applicant can apply for registration of the new company within six months of name approval.
[12] The amount of registration fees to be paid will depend upon t he authorised share capital kept by the company in the Article of Association.
[13] As per the Companies (Amendment) Act, 2002, Section No. 146.
[14] As per the Companies (Amendment) Act, 2002, Section No. 303.
[15] As per the Companies (Amendment) Act, 2002, Section No. 33 (2).
[16] CA and CS denotes Chartered Accounting and Company Secretary firms respectively.

ନୂଆ ପ୍ରସ୍ତାବିତ ନାମ ଓ ଅନ୍ୟ ୪ ବିକଳ୍ପ ନାମ ପାଇଁ ଜକ୍ଟଉଙ୍କ ନିକଟରେ ଆବେଦନ କରିବାକୁ ହେବ। ଆବେଦନ ପାଇଁ ନିର୍ଦ୍ଦେଶକ ମଣ୍ଡଳୀର ୨/୩ ସଦସ୍ୟା ଏବଂ ସାଧାରଣ ସଭାର ୧/୩ ସଦସ୍ୟଙ୍କ ସହମତି ଆବଶ୍ୟକ। ଏଥିପାଇଁ ୫୦୦ ଟଙ୍କା ପାଉଣା ଦେବାକୁ ପଡ଼ିବ ।

**ଦକ୍ଷେପ ୪: 'ମେମୋରାଣ୍ଡମ୍ ଆଣ୍ଡ ଆର୍ଟିକଲ୍ସ ଅଫ୍ ଏସୋସିଏସନ୍'**

ଉତ୍ପାଦକ କମ୍ପାନୀର ନାମ ସ୍ଥିର ହେବା ପରେ ସଂଗଠନର ଏକ ମେମୋରାଣ୍ଡମ୍ ଓ ଆର୍ଟିକଲ ଅଫ୍ ଏସୋସିଏସନ୍ ପ୍ରସ୍ତୁତ କରିବାକୁ ପ ଡ଼ିବ ।

◊ 'ମେମୋରାଣ୍ଡମ୍ ଏବଂ ଆର୍ଟିକଲ ଅଫ୍ ଏସୋସିଏସନ୍'ଲିଖିତ ହେବା ଦରକାର। (ବିଶେଷ କରି କମ୍ପ୍ୟୁଟର ପ୍ରିଣ୍ଟଆଉଟ୍ ଓ କାଗଜର ଦୁଇ ପାଖରେ ଲେଖାଯାଇଥିବ)

◊ ମେମୋରାଣ୍ଡମ୍ ଆଣ୍ଡ ଆର୍ଟିକଲ ଅଫ୍ ଏସୋସିଏସନ୍ ରେ ଉପଯୁକ୍ତ ମୋହର ଲାଗିଥିବା ଦରକାର। ଏଥିରେ ସମ୍ପୃକ୍ତ ସବ୍‌ସ୍କ୍ରାଇବର/ ପ୍ରମୋଟରଙ୍କ ନିଜ ହାତରେ ଦସ୍ତଖତ ରହିବା ସହିତ ବାପାଙ୍କ ନାମ, ପେସା, ଠିକଣା ଓ କେତେ ସେୟାରର ଗ୍ରାହକ ସଂଖ୍ୟା ରହିବା ଦରକାର।

ସୁନିଶ୍ଚିତ କରନ୍ତୁ ମେମୋରାଣ୍ଡମ୍ ଆଣ୍ଡ ଆର୍ଟିକଲରେ ଥିବା ତାରିଖ ଯେପରି ମୋହରରେ ପଡ଼ିଥିବା ତାରିଖ ପରେ ହୁଏ ।

**ପଦକ୍ଷେପ ୫ : ପି.ସି.ର ଅନ୍ତର୍ଭୁକ୍ତୀକରଣ ପାଇଁ ଆର୍‌ଓସି ନିକଟରେ ନଥିପତ୍ର ଦାଖଲ [11]**

ପୈଠଯୋଗ୍ୟ[12] ଉପଯୁକ୍ତ ପାଉଣା ସହିତ କଂପାନୀର ପଂଜୀକୃତ କାର୍ଯ୍ୟାଳୟ ଥିବା ରାଜ୍ୟ ରେଜିଷ୍ଟାର ଅଫ୍ କମ୍ପାନି ନିକଟରେ ନିମ୍ନ ନଥିପ ତ୍ର ପ୍ରଦାନ କରନ୍ତୁ:-

◊ କମ୍ପାନୀ ସ୍ଥାପନ ପାଇଁ ନାମ ପାଇଥିବା ରେଜିଷ୍ଟାର ଅଫ୍ କମ୍ପାନିଙ୍କ ଚିଠିର ନକଲ

◊ ଯଥାଯୋଗ୍ୟ ମୋହର ଲାଗିଥିବା ଓ ସ୍ୱାକ୍ଷର ହୋଇଥିବା ମେମୋରାଣ୍ଡମ୍ ଏବଂ ଆର୍ଟିକଲ ଅଫ୍ ଏସୋସିଏସନ୍

◊ ପଞ୍ଜିକୃତ କାର୍ଯ୍ୟାଳୟର ଅବସ୍ଥିତି (ପୂରା ଠିକଣା) ସମ୍ପର୍କିତ ଫର୍ମ ୧୮[13]

◊ ନିର୍ଦ୍ଦେଶକଙ୍କ ତଥ୍ୟ ସମ୍ବନ୍ଧୀୟ ଫର୍ମ ୩୨ (ପ୍ରତିଳିପି)[14]

◊ କଂପାନୀ ଗଠନ ସମ୍ପର୍କିତ ସମ୍ପୂର୍ଣ୍ଣ ଘଟଣାକ୍ରମ ଓ ସମସ୍ତ ଅନୁପାଳନ ସଂବନ୍ଧୀୟ ଫର୍ମ ୧(ଷ୍ଟାମ୍ପ ପେପର ଉପରେ) ଘୋଷଣାନାମା [15]

◊ ଫର୍ମ ୨୯-ନିର୍ଦ୍ଦେଶକଙ୍କ ସମ୍ମତି

◊ ଯଦି ମେମୋରାଣ୍ଡମ୍ ଅଫ୍ ଏସୋସିଏସନ୍ କୁ ହିନ୍ଦୀରେ ଦାଖଲ କରାଯାଇଥାଏ ତା' ହେଲେ ସଦସ୍ୟଙ୍କ ଦ୍ୱାରା ସତ୍ୟପାଠ ମଧ୍ୟ ଦ ାଖଲ କରାଯିବ

◊ ପାଓ୍ୱାର ଅଫ୍ ଆଟର୍ନି(ଓକିଲାତିନାମା)

ଦୟାକରି ଜାଣିରଖନ୍ତୁ ଯେ, ଗଉଇ ଓ୍ୱେବ୍‌ସାଇଟ୍ (ଷତ୍ପତ୍ପକ୍ଟ://ଙ୍ଗଙ୍ଗଙ୍ଗ. ଙ୍କମବ.ଶକ୍ଟଙ୍ଗ.ସଭ)ରେ ସବୁପ୍ରକାର ସୂଚନା ଓ ଫର୍ମ ଉପଲବ୍ଧ। ଏଥିରୁ ସିଧା ଫର୍ମ ଅନ୍‌ଲାଇନରେ ପୂରଣ କରାଯିବ ।

**ପଦକ୍ଷେପ ୬: ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର**

◊ କମ୍ପାନୀ ଅନ୍ତର୍ଭୁକ୍ତିକରଣ ପାଇଁ ଦାଖଲ ସମସ୍ତ ନଥିପତ୍ରକୁ ନେଇ ରେଜିଷ୍ଟାର ଅଫ୍ କମ୍ପାନିଜ୍ ସନ୍ତୁଷ୍ଟ ହେଲେ ସେ ମେମୋରାଣ୍ଡମ, ଆର୍ଟିକଲ ଓ ଅନ୍ୟାନ୍ୟ ଦଲିଲ(ଯଦି କିଛି ଥାଏ) କୁ ପଞ୍ଜିକୃତ କରିବାକୁ ଅନଗ୍ରହୀତ ହେବେ ଓ ୩୦ ଦିନ ମଧ୍ୟରେ ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର ପ୍ରଦାନ କରିବେ। ପାର୍ଟ ଓଢଇ (ଧ ାରା-୫୮୧ଉ (୨) ଅନୁଯାୟୀ କଂପାନୀ ଗଠନ ପାଇଁ ଏହା ଅନ୍ତିମ ପ୍ରମାଣ।

◊ ରେଜିଷ୍ଟାର ଅଫ୍ କମ୍ପାନୀଙ୍କ ଦ୍ୱାରା ମଞ୍ଜୁର ପଞ୍ଜିକୃତ ପ୍ରମାଣ ପ ତ୍ରରେ ଉଲ୍ଲିଖିତ ତାରିଖରୁ ଉତ୍ପାଦକ କମ୍ପାନୀର ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ଷମ ହେବ।

◊ ଅନ୍ତର୍ଭୁକ୍ତୀକରଣ ପରେ ଗୋଟିଏ କମ୍ପାନୀ ନ୍ୟାୟଶାସ୍ତ୍ର ସଂବନ୍ଧୀୟ ବ୍ୟକ୍ତି ବିଶେଷ ହୋଇଯାଏ, ଅର୍ଥାତ୍ ଆଇନ ଦୃଷ୍ଟିରେ ଜଣେ ବ୍ୟକ୍ତି। ଏହାର ଏକ ଶାଶ୍ୱତ ଉତ୍ତରାଧିକାର ରହିଛି, ଅର୍ଥାତ୍ ସଦ ସ୍ୟମାନେ ଆସିପାରନ୍ତି ଓ ଯାଇପାରନ୍ତି କିନ୍ତୁ ଆଇନ ପାଳନ ପ୍ରକ୍ରିୟା



[4] http://www.mca.gov.in

[5] ପ୍ରମାଣୀକରଣ ସଂସ୍ଥାଗୁଡିକ, ଆଇଟି ଆକ୍ଟ ୨୦୦୦ ଅନ୍ତର୍ଗତ ପ୍ରମାଣୀକରଣ ସଂସ୍ଥା ନିୟନ୍ତ୍ରକ (ସିସିଏ)ଙ୍କ କାର୍ଯ୍ୟାଳୟ ଦ୍ୱାରା ନିଯୁକ୍ତ ହୋଇଥା'ନ୍ତି। ଡିଜିଟାଲ୍ ସିଗ୍ନେଚର୍ ସାର୍ଟିଫିକେଟ୍ସ(ଡିଏସ୍‌ସି) ଜାରି କରିବାକୁ ସିସିଏ ଦ୍ୱାରା ପ୍ରାଧିକୃତ ଏହିପରି ସାତୋଟି ପ୍ରମାଣୀକରଣ ସଂସ୍ଥା ଅଛି। ଏହି ପ୍ରମାଣୀକରଣ ସଂସ୍ଥାଗୁଡିକର ବିବରଣୀ କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟର ପୋର୍ଟାଲ୍ ଙ୍ଗଙ୍ଗଙ୍ଗ.ଙ୍କମବ.ଶକ୍ଟଙ୍ଗ.ସଭ ରେ ଉପଲବ୍ଧ ।

[6] କମ୍ପାନୀ (ସଂଶୋଧିତ) ଆକ୍ଟ୨୦୦୨, ଧାରା ସଂ.୫୮୧ଈ ଅନୁସାରେ

[7] କମ୍ପାନୀ ଆକ୍ଟ ୧୯୫୬ର ୨୦ ଓ ୨୧ ଧାରା ଅନୁବର୍ତ୍ତୀ

[8] ଏମସିଏ ଦ୍ୱାରା ପ୍ରାଧିକୃତ ଆଂଚଳିକ ବ୍ୟାଙ୍କରେ ପାଉଣା ଜମା ହେବା ଉଚିତ

[9] ଅନୁଚ୍ଛେଦ୨ ରେ ମେମୋରାଣ୍ଡମ୍ ଅଫ୍ ଏସୋସିଏସନ୍ ଆଣ୍ଡ୍ ଆର୍ଟିକିଲ୍ ଉପରେ କ୍ଷୁଦ୍ର ଲେଖା ପ୍ରଦତ୍ତ ହୋଇଛି

[10] ଭାରତୀୟ ଷ୍ଟାମ୍ପ ଆକ୍ଟ,୧୮୯୯ର ଆବଶ୍ୟକତା ଓ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟ ଅବସ୍ଥିତ ଥିବା ରାଜ୍ୟ ଉପରେ ନିର୍ଭର କରି ପ୍ରଯୁଜ୍ୟ ଦର ଅନୁସାରେ ଷ୍ଟାମ୍ପ ଲଗାଯିବ

[11] ନାମ ଅନୁମୋଦନର ଛଅ ମାସ ମଧ୍ୟରେ ନୂତନ କମ୍ପାନୀର ପଞ୍ଜୀକରଣ ପାଇଁ ଆବେଦକ ଆବେଦନ କରିପାରିବେ

[12] ପଞ୍ଜୀକରଣ ପାଉଣା ରାଶି, ଆର୍ଟିକିଲ୍ ଅଫ୍ ଏସୋସିଏସନ୍‌ରେ କମ୍ପାନୀ ଦ୍ୱାରା ରଖାଯାଇଥିବା ପ୍ରାଧିକୃତ ଶେୟାର୍ ମୂଳଧନ ଉପରେ ଆଧାରକରି ପୈଠ କରାଯିବ

[13] କମ୍ପାନୀ (ସଂଶୋଧିତ) ଆକ୍ଟ୨୦୦୨, ଧାରା୧୪୬ ଅନୁସାରେ

[14] କମ୍ପାନୀ ସଂଶୋଧିତ) ଆକ୍ଟ୨୦୦୨, ଧାରା ୩୦୩ ଅନୁସାରେ

[15] କମ୍ପାନୀ (ସଂଶୋଧିତ) ଆକ୍ଟ୨୦୦୨, ଧାରା ୩୩(୨) ଅନୁସାରେ

[16] ସିଏ ଓ ସିଏସ୍ ଯଥାକ୍ରମେ ଚାର୍ଟାଡ୍ ଆକାଉଣ୍ଟିଙ୍ଗ୍ ଓ କମ୍ପାନୀ ସଚିବଙ୍କୁ ବୁଝାଇଥିଶ

and go but the company goes on till it is wound up by following the process of law.

- It has a common seal, which is affixed on all the documents executed on behalf of the company in the presence of a director and be signed by the authorized signatory or signatories.
- It is empowered to hold all properties in its own name and has its own right. It can sue others and can be sued by other and enter into contracts in its own name.

**Power of Attorney**: All the work required to incorporate the Producer Company can be done either by the BoD or alternatively, the General Body can authorize anyone of them or any other person to follow the matter with the RoC (in most cases the service of a Chartered Accounting firm or Company Secretary is acquired for the purpose). In the latter case, they have to execute a power of attorney in favour of the person, who is authorised to act on their behalf.

A power of attorney form duly stamped and executed by all the subscribers of directors have to be submitted to the RoC.

A power of attorney holder is, specifically, authorised to make corrections, as may be necessary in the Memorandum and Articles of Association and all other documents filed with the RoC and to attest the same on their behalf and to receive the Certificate of Incorporation.

**Step 7: Tasks to be completed immediately after incorporation of the PC**

The following tasks have to be completed immediately after incorporation:

- Open a Bank Account with minimum two officially nominated signatories in the name of the Company.
- Procure PAN number from the Income Tax and TIN number from the Commercial Tax Department to carry out business. Also, the company have to register itself for Service Tax from Commercial Tax Department and VAT from Excise department.
- Apply for the commercial connection of Power supply to related agency/board for the office of the PC.
- Establishment of company office means arrangement of furniture and fixture along with a visible signage board.

## 2.6 ESTIMATED COST FOR INCORPORATION OF A PRODUCER COMPANY

Table 2 below provides an estimated cost required for the incorporation of a producer company with minimum mandatory authorised capital of ₹ 5 lacs

**TABLE 2: ESTIMATED COST FOR INCORPORATION OF A PRODUCER COMPANY**

| Particular | Heads | Amount (₹) |
|---|---|---|
| Application for name of PC | Fees | 500.00 |
| Digital Signature | Fees | 2,600.00 |
| Stamp duty | Memorandum of Association (MoA) | 500.00 |
| | Article of Association(AoA) | 1,000.00 |
| Registration/filing fees | MoA | 16,000.00 |
| | AoA | 300.00 |
| | Form-1 | 300.00 |
| | Form-18 | 300.00 |
| | Form-32 | 300.00 |
| Fees of CA/CS17 firm* | Consultancy fees | 10,000.00 |
| Stamps cancellation | Charge | 300.00 |
| Affidavit expenses | Fees of Notary | 450.00 |
| Share transfer fees & processing charge | | 5,000.00 |
| Total | | 37,550.00 |

*Source: ASA*

** Note: Fees for CA and CS is driven by market rates.*

ଦ୍ୱାରା ସମାପିତ ହେଲା ପର୍ଯ୍ୟନ୍ତ କମ୍ପାନୀ ସେହିପରି ରହିଥିବ।

◊ ଏହାର ଏକ ସାଧାରଣ ମୋହର ରହିବ, ଯାହା ଜଣେ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ କମ୍ପାନିର ପକ୍ଷରୁ କାର୍ଯ୍ୟନ୍ୱିତ ସମସ୍ତ ଦଲିଲ ଉପରେ ଲଗାଯିବ ଏବଂ ଅଧିକୃତ ସ୍ୱାକ୍ଷରକାରୀ ବା ସ୍ୱାକ୍ଷରକାରୀମାନଙ୍କ ଦ୍ୱାରା ସ୍ୱାକ୍ଷରିତ କରାଯିବ ।

◊ ସମସ୍ତ ସମ୍ପତ୍ତିକୁ ନିଜ ନାମରେ ରଖିବା ପାଇଁ ଏହାକୁ ଶକ୍ତିସମ୍ପନ୍ନ କରାଯାଇଛି ଏବଂ ଏହାର ନିଜସ୍ୱ ଅଧିକାର ରହିଛି । ଏହା ଅନ୍ୟମାନଙ୍କ ବିରୁଦ୍ଧରେ ମୋକଦ୍ଦମା କରିପାରିବ ବା ଏହା ବିରୁଦ୍ଧରେ ଯେକେହି ଅଦାଲତରେ ମୋକଦ୍ଦମା କରିପାରିବେ ଏବଂ ଏହା ନିଜ ନାମରେ ଚୁକ୍ତି କରିପାରିବ।

**ପାୱାର ଅଫ୍ ଆଟର୍ନି:** ଉତ୍ପାଦକ କମ୍ପାନୀକୁ ଅନ୍ତର୍ଭୁକ୍ତୀକରଣ କରାଇବା ସମସ୍ତ କାର୍ଯ୍ୟକୁ ନିର୍ଦ୍ଦେଶକ ମଣ୍ଡଳୀ କରିପାରିବ ବା ବିକଳ୍ପ ଭାବେ ସାଧାରଣ ସଭା ଆର୍‌ଓସିରେ ଏ ସଂକ୍ରାନ୍ତ କାର୍ଯ୍ୟ କରିବା ପାଇଁ ସେମାନଙ୍କ ମଧ୍ୟରୁ ବା ଅନ୍ୟ କାହାକୁ ଦାୟିତ୍ୱ ଦେଇପାରେ (ବହୁ କ୍ଷେତ୍ରରେ ଚାଟାର୍ଡ ଏକାଉଣ୍ଟାଣ୍ଟଫାର୍ମ ବା କମ୍ପାନୀ ସେକ୍ରେଟାରୀ ଏହି କାମ କରିଥାନ୍ତି)। ବିକଳ୍ପ କ୍ଷେତ୍ରରେ ଅଧିକୃତ ବ୍ୟକ୍ତିଙ୍କ ପାଇଁ ସେମାନେ ପାୱାର ଅଫ୍ ଆଟର୍ନି ନିଷ୍ପାଦନ କରନ୍ତି ଯିଏ ତାଙ୍କ ତରଫରୁ ଏସବୁ କାମ କରିଥାନ୍ତି।

ପାୱାର ଅଫ୍ ଆଟର୍ନିକୁ ସମସ୍ତ ନିର୍ଦ୍ଦେଶକଙ୍କ ଅଭିଦାତାଙ୍କ ଦ୍ୱାରା ଯଥାଯୋଗ୍ୟ ମୁଦ୍ରାଙ୍କିତ ଓ ନିଷ୍ପାଦିତ ଆର୍‌ଓସି ନିକଟରେ ଉପସ୍ଥାପିତ କରାଯିବା ଆବଶ୍ୟକ।

ଆବଶ୍ୟକ ବେଳେ ଆରଓସିଙ୍କ ନିକଟରେ ଉପସ୍ଥାପିତ ମେମୋରାଣ୍ଡମ୍ ଓ ଆର୍ଟିକିଲ୍ ଅଫ୍ ଏସୋସିଏସନ୍ ତଥା ଅନ୍ୟାନ୍ୟ ନଥିପତ୍ରରେ ଆବଶ୍ୟକ ହେଉଥିବା ସଂଶୋଧନ ସହିତ ସେମାନଙ୍କ ତରଫରୁ ଦରକାର ପଡୁଥିବା ଦସ୍ତଖତ କରିବାକୁ ପାୱାର ଅଫ ଆଟର୍ନି ଧାରକଙ୍କୁ କ୍ଷମତା ଦିଆଯାଇଥାଏ। ସେ ମଧ୍ୟ ଅନ୍ତର୍ଭୁକ୍ତୀକରଣ ପ୍ରମାଣପତ୍ର ଗ୍ରହଣ କ୍ଷମତା ପାଇଥାନ୍ତି।

**ପଦକ୍ଷେପ ୭: ପି.ସି. ଅନ୍ତର୍ଭୁକ୍ତୀକରଣ ତତ୍‌କ୍ଷଣାତ୍ ପରେ କରିବାକୁ ଥିବା କାର୍ଯ୍ୟ**

ଅନ୍ତର୍ଭୁକ୍ତୀକରଣର ତୁରନ୍ତ ପରେ ନିମ୍ନଲିଖିତ କାର୍ଯ୍ୟ ସାରିବାକୁ ହୋଇଥାଏ।

◊ ଆନୁଷ୍ଠାନିକ ଭାବେ ମନୋନୀତ ଅତି କମ୍‌ରେ ଦୁଇଜଣ ସ୍ୱାକ୍ଷରକାରୀଙ୍କ ସହିତ କମ୍ପାନୀ ନାମରେ ବ୍ୟାଙ୍କ ଖାତା ଖୋଲିବା

◊ ବ୍ୟବସାୟ ଚାଲୁ ରଖିବା ପାଇଁ ଆୟକର ବିଭାଗରୁ ପିଏଏନ୍(ପ୍ୟାନ୍) ନମ୍ବର ଓ ବାଣିଜ୍ୟିକ ଶୁଳ୍କ ବିଭାଗରୁ ଟିଆଇଏନ୍(ଟିନ୍) ନମ୍ବର ଆଣିବାକୁ ହେବ। ସେବା କର ପାଇଁ ବାଣିଜ୍ୟିକ ଶୁଳ୍କ (କମର୍ସିଆଲ୍ ଟାକ୍ସ) ବିଭାଗ ଓ ଭିଏଟି(ଭାଟ୍) ପାଇଁ ଉତ୍ପାଦକ ଶୁଳ୍କ ବିଭାଗ(ଏକ୍ସାଇଜ୍)ରେ କମ୍ପାନୀକୁ ପଞ୍ଜିକରଣ କରିବାକୁ ପଡ଼ିବ।

◊ କମ୍ପାନୀ କାର୍ଯ୍ୟାଳୟରେ ବାଣିଜ୍ୟିକ ବିଦ୍ୟୁତ୍ ସଂଯୋଗ ପାଇଁ ସଂପୃକ୍ତ ସଂସ୍ଥା/ବୋର୍ଡକୁ ଆବେଦନ କରାଯିବ

◊ କମ୍ପାନୀ କାର୍ଯ୍ୟାଳୟ ସ୍ଥାପନ ଅର୍ଥ ଆସବାବପତ୍ର ଯୋଗାଡ ଓ ଦେଖାଯାଉଥିବା ନାମ ଫଳକ।

## ୨.୬: ଏକ ଉତ୍ପାଦକ କମ୍ପାନୀର ଅନ୍ତର୍ଭୁକ୍ତୀକରଣ ପାଇଁ ଖର୍ଚ୍ଚ ଆକଳନ

ସର୍ବନିମ୍ନ ୫ ଲକ୍ଷ୍ୟ ଟଙ୍କାର ବାଧ୍ୟତାମୂଳକ ଅଧିକୃତ ପୁଞ୍ଜି ଥିବା ଉତ୍ପାଦକ କମ୍ପାନୀର ଅନ୍ତର୍ଭୁକ୍ତୀକରଣ ପାଇଁ ଖର୍ଚ୍ଚ ଆକଳନ ତଳ ଟେବୁଲ୍(୨)ରେ ଦିଆଗଲା।

**ଟେବୁଲ୍ ୨: ଏକ ଉତ୍ପାଦକ କମ୍ପାନୀ ଅନ୍ତର୍ଭୁକ୍ତୀକରଣ ପାଇଁ ଖର୍ଚ୍ଚ ଆକଳନ**

| ସବିଶେଷ | ମୁଖ୍ୟ | ରାଶି (ଟ) |
|---|---|---|
| ପି.ସି.ର ନାମ ପାଇଁ ଦରଖାସ୍ତ | ପାଉଣା | ପାଉଣା |
| ଡିଜିଟାଲ୍ ହସ୍ତାକ୍ଷର | ପାଉଣା | ୨,୬୦୦.୦୦ |
| ଷ୍ଟାମ୍ପ ଡ୍ୟୁଟି(ଷ୍ଟାମ୍ପ ଶୁଳ୍କ) | ମେମୋରାଣ୍ଡମ୍ ଅଫ୍ ଅ ।ସୋସିଏସନ (ଏମ୍‌ଓଏ) | ୫୦୦.୦୦ |
| | ଆର୍ଟିକିଲ୍ ଅଫ୍ ଅ ।ସୋସିଏସନ(ଏଓଏ) | ୧,୦୦୦.୦୦ |
| ପଞ୍ଜିକରଣ/ ଦାଖିଲ ପାଉଣା | ଏମ୍‌ଓଏ | ୧୬,୦୦୦.୦୦ |
| | ଏଓଏ | ୩୦୦.୦୦ |
| | ଫର୍ମ -୧ | ୩୦୦.୦୦ |
| | ଫର୍ମ-୧୮ | ୩୦୦.୦୦ |
| | ଫର୍ମ ୩୨ | ୩୦୦.୦୦ |
| ସିଏ/ ସିଏସ୍ ୧୭ ଫର୍ମର ପାଉଣା | ପରାମର୍ଶ ପାଉଣା | ୧୦,୦୦୦.୦୦ |
| ଷ୍ଟାମ୍ପ କ୍ୟାନସେଲସନ୍(ଷ୍ଟାମ୍ପ ରଦ୍ଦ) | ଦାମ୍ | ୩୦୦.୦୦ |
| ସତ୍ୟପାଠ ଖର୍ଚ୍ଚ | ନୋଟାରୀଙ୍କ ପାଉଣା | ୪୫୦.୦୦ |
| ସେୟାର୍ ଟ୍ରାନ୍ସଫର ଫି ଓ ପ୍ରୋସେସିଂ ଚାର୍ଜ (ସେୟାର ବଦଳ ପାଉଣା ଓ ପ୍ରକ୍ରିୟା ନିମନ୍ତେ ମୂଲ୍ୟ) | | ୫,୦୦୦.୦୦ |
| ମୋଟ୍ | | ୩୭,୫୫୦.୦୦ |

ସୌଜନ୍ୟ - ASA

ନୋଟ୍: ସିଏ ଓ ସିଏସ୍ ପାଇଁ ଖର୍ଚ୍ଚ ମାର୍କେଟ୍ ଦର ଦ୍ୱାରା ସଂଚାଳିତ

CHAPTER 3

# ASSESSING THE CAPITAL

## REQUIREMENTS OF A PRODUCER COMPANY

***(This Chapter elucidates the various factors to be considered and limitations faced while estimating the working capital requirement of a Producers Company. Detailed discussion on the methods of financial assessment is in the following chapter.)***

The working capital is estimated on the basis of following costs which may be fixed or variable in nature:

◊ Raw materials, storage, processing, transportation, insurance etc. The estimate is determined by the nature and size of the business.
◊ Staff salary, travel, rent, electricity, telephone and other administrative expenses which can be termed as management and administration cost.
◊ Furniture, fixtures and other equipments like computer, printer etc.
◊ Infrastructures like warehouse, machineries etc. (if any) Capacity building cost for BoDs and the executives of the PC.

In the following paragraphs it has been attempted to describe the processes or steps to be followed and the factors to be considered for estimating the working capital requirement. It is not possible to estimate the requirement of working capital since it depends on the nature of business and its volume which would vary from case to case. However, the processes described here are based on the experiences of ASA while establishing several PCs.

### 3.1 ASSESSING THE CAPITAL REQUIRED FOR INITIAL BUSINESS ACTIVITY

This is the initial amount required for starting the basic activities of PC such as initial investment which is mainly required for procurement of raw produce from the producers, storage, transportation processing, insurance etc. The quantum of capital would depend on the nature and volume of the business of PC. This is part of the working capital of the PC.

While calculating the requirement of capital for the above mentioned items the following points are to be kept in view:

◊ Number of producers/acreage/number of products and its month wise availability.
◊ Total expected volume of raw produce to be procured (month wise).
◊ Time of the activity (no. of days from procurement to sale).
◊ Purchase price, selling price.
◊ Credit limit with the producers and to the buyers.
◊ Monthly
◊ Storage cash-in and cash-out projection, duration and costs.
◊ Transportation costs (producers to company and company store to buyers).
◊ Grading/processing,
◊ Insurance.
◊ Packaging costs, if any.
◊ Marketing costs, if any.
◊ Any other costs which is specific to the area (statutory requirement. For example, in some states buyers for agriculture produce outside the APMC has to pay certain levy to the APMC for making purchase from the farmers directly).

A critical evaluation of the above criteria should provide a reliable estimate of capital requirements.

The experience of ASA suggests that the real challenge for a PC is to mobilize initial working capital requirements.

This is due to the following reasons:

◊ For any financial institution PC is a commercial entity and therefore they require a margin money contribution in the credit application from PCs. This is difficult to be arranged by a PC, due to financial constraints.
◊ PCs are also required to provide collateral for the loan which is again a constraint for a new business entity like PC.
◊ Initially PCs do not have any credentials for doing successful business which also makes the financial institutions uncomfortable for financing.

However, to overcome these initial challenges the PCs

ଅଧ୍ୟାୟ-୩

# ଏକ ଉତ୍ପାଦକ କଂପାନୀର ପୁଞ୍ଜି

## ଆବଶ୍ୟକତା ଆକଳନ

*(ଏହି ଅଧ୍ୟାୟରେ ଏକ ଉତ୍ପାଦକ କମ୍ପାନୀର କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ଆକଳନ କରିବା ବେଳେ ବିଚାରଯୋଗ୍ୟ କାରଣମାନ ଓ ସମ୍ମୁଖୀନ ହେଉଥିବା ବାଧା ସମ୍ବନ୍ଧରେ ବିଶଦ ବ୍ୟାଖ୍ୟା କରାଯାଇଛି । ଅର୍ଥ ଆକଳନ ସମ୍ବନ୍ଧୀୟ ବିଭିନ୍ନ ପଦ୍ଧତି ଉପରେ ସବିଶେଷ ଆଲୋଚନା କରାଯାଇଛି ।)*

ନିମ୍ନୋକ୍ତ ଖର୍ଚ୍ଚକୁ ନେଇ କାର୍ଯ୍ୟକାରୀ ପୁଞ୍ଜିର ଆକଳନ କରାଯାଇଛି ଯାହା ସ୍ଥିର ହୋଇପାରେ ବା ବଦଳିପାରେ:

◊ କଞ୍ଚାମାଲ, ଭଣ୍ଡାରଣ(ଷ୍ଟୋରେଜ୍), ପ୍ରକ୍ରିୟାକରଣ, ପରିବହନ, ବୀମା ଆଦି । ବ୍ୟବସାୟର ପ୍ରକୃତି ଓ ଆକାରକୁ ନେଇ ଆକଳନ ସ୍ଥିର ହେବ ।

◊ କର୍ମଚାରୀଙ୍କ ଦରମା, ଗମନାଗମନ, ଭଡ଼ା, ବିଦ୍ୟୁତ୍, ଟେଲିଫୋନ୍ ଓ ଅନ୍ୟାନ୍ୟ ପ୍ରଶାସନିକ ଖର୍ଚ୍ଚ ଯାହା ପରିଚାଳନା ଓ ପ୍ରଶାସନ ଖର୍ଚ୍ଚ କୁହାଯିବ ।

◊ ଆସବାବପତ୍ର, ଓ ଅନ୍ୟାନ୍ୟ ଉପକରଣ ଯଥା କମ୍ପ୍ୟୁଟର ପ୍ରିଣ୍ଟର ଇତ୍ୟାଦି ।

◊ ଭିତ୍ତିଭୂମି ଯଥା-ଗୋଦାମଘର, ଯନ୍ତ୍ରପାତି ଇତ୍ୟାଦି(ଯଦି ଥାଏ)ପି.ସି.ର ନିର୍ଦ୍ଦେଶକ ମଣ୍ଡଳୀ ଓ କାର୍ଯ୍ୟବାହୀମାନଙ୍କ ଦକ୍ଷତା ବୃଦ୍ଧି ଖର୍ଚ୍ଚ ।

ଆବଶ୍ୟକୀୟ କାର୍ଯ୍ୟକାରୀ ପୁଞ୍ଜି ଆକଳନ ପାଇଁ ପ୍ରକ୍ରିୟା ବା ପଦକ୍ଷେପ ତଥା ବିଚାରଯୋଗ୍ୟ କାରଣ ସମ୍ବନ୍ଧରେ ନିମ୍ନଲିଖିତ ଅନୁଚ୍ଛେଦରେ ବର୍ଣ୍ଣନା ଉଦ୍ୟମ କରାଯାଇଛି । କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା ବ୍ୟବସାୟର ପ୍ରକୃତି ଓ ପରିମାଣ ଉପରେ ନିର୍ଭର କରୁଥିବାରୁ କାର୍ଯ୍ୟକାରୀ ପୁଞ୍ଜିର ଆକଳନ ସମ୍ଭବ ନୁହେଁ, କାରଣ ଏହା ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ । ତେବେ ଅନେକ ପି.ସି. ସ୍ଥାପନ ପରେ ଆଶା ହାସଲ କରିଥିବା ଅଭିଜ୍ଞତାକୁ ନେଇ ଏହି ପ୍ରକ୍ରିୟା ବର୍ଣ୍ଣନା କରାଯାଇଛି ।

### ୩.୧ ପ୍ରାରମ୍ଭିକ ବ୍ୟାବସାୟିକ କାର୍ଯ୍ୟକଳାପ ପାଇଁ ଆବଶ୍ୟକ ପୁଞ୍ଜି ଆକଳନ

ପି.ସି.ର ମୌଳିକ କାର୍ଯ୍ୟ ଆରମ୍ଭ ପାଇଁ ପ୍ରାରମ୍ଭିକସ୍ତରରେ ଆବଶ୍ୟକ ହେଉଥିବା ଅର୍ଥ ଯେମିତି ପ୍ରାରମ୍ଭିକ ନିବେଶ ଯାହା ଦରକାର ହୋଇଥାଏ କଞ୍ଚା ଉତ୍ପାଦ ସଂଗ୍ରହ, ଭଣ୍ଡାରଣ, ପରିବହନ, ପ୍ରକ୍ରିୟାକରଣ, ବୀମା ଇତ୍ୟାଦି ପାଇଁ । ପୁଞ୍ଜିର ପରିମାଣ ନିର୍ଭର କରିଥାଏ ପି.ସି.ର ବ୍ୟାବସାୟିକ ପ୍ରକୃତି ଓ ପରିମାଣ ଉପରେ । ଏହା ପି.ସି.ର କାର୍ଯ୍ୟକାରୀ ପୁଞ୍ଜିର ଅଂଶ ।

ଉପରୋକ୍ତ ସାମଗ୍ରୀ ପାଇଁ ପୁଞ୍ଜିର ଆବଶ୍ୟକତାକୁ ହିସାବ କଲାବେଳେ ନିମ୍ନୋକ୍ତ ବିଷୟ ଉପରେ ଧ୍ୟାନ ଦେବା ଆବଶ୍ୟକ ।

◊ ଉତ୍ପାଦକଙ୍କ ସଂଖ୍ୟା/ ମୋଟ୍ ଏକରର ପରିମାଣ/ ଉତ୍ପାଦ ସଂଖ୍ୟା ଓ ଏହାର ମାସ ଅନୁଯାୟୀ ଉପଲବ୍ଧତା

◊ ମୋଟ ପ୍ରତ୍ୟାଶିତ କଞ୍ଚା ଉତ୍ପାଦ ପରିମାଣ ସଂଗ୍ରହ (ପ୍ରତି ମାସରେ)

◊ କାର୍ଯ୍ୟର ସମୟ (ସଂଗ୍ରହଠାରୁ ଓ ବିକ୍ରି ମଧ୍ୟରେ ଦିନ ସଂଖ୍ୟା)

◊ କ୍ରୟ ମୂଲ୍ୟ, ବିକ୍ରୟ ମୂଲ୍ୟ

◊ ଉତ୍ପାଦିକ ଓ କ୍ରେତାଙ୍କ ଋଣ ସୀମା

◊ ମାସିକିଆ

◊ ଭଣ୍ଡାରଣରେ ନଗଦ ଆସିବା ଓ ଯିବା କଳ୍ପନା, ସମୟ ଓ ଖର୍ଚ୍ଚ

◊ ପରିବହନ ଖର୍ଚ୍ଚ (ଉତ୍ପାଦକଙ୍କଠାରୁ କମ୍ପାନି ଓ କମ୍ପାନି ଷ୍ଟୋରରୁ କ୍ରେତାଙ୍କ ପର୍ଯ୍ୟନ୍ତ)

◊ ଶ୍ରେଣୀକରଣ/ପ୍ରକ୍ରିୟାକରଣ

◊ ବୀମା

◊ ପ୍ୟାକେଜିଂ ଖର୍ଚ୍ଚ ( ଯଦି କିଛି ଥାଏ)

◊ ବଜାରୀକରଣ ଖର୍ଚ୍ଚ (ଯଦି ଥାଏ)

◊ ଅଞ୍ଚଳ ଭିତ୍ତିରେ ଯଦି ଅନ୍ୟ କୌଣସି ଖର୍ଚ୍ଚ ଥାଏ (ବୈଧାନିକ ଆବଶ୍ୟକତା, ଉଦାହରଣ- କେତେକ ରାଜ୍ୟରେ ଏପିଏମ୍ସି ବାହାରେ ଥିବା କ୍ରେତା ଯଦି ଚାଷୀଙ୍କଠାରୁ ସିଧାସଳଖ କୃଷିଜାତ ସାମଗ୍ରୀ କିଣନ୍ତି ତାହେଲେ ସେମାନଙ୍କୁ ଏପିଏମ୍ସିକୁ ନିର୍ଦ୍ଦିଷ୍ଟ ଟିକସ ଦେବାକୁ ପଡ଼ିଥାଏ ।)

ଉପରୋକ୍ତ ମାନଦଣ୍ଡର ଏକ ସୁବିବେଚକ ମୂଲ୍ୟାଂକନ, ପୁଞ୍ଜି ଆବଶ୍ୟକତାର ଏକ ବିଶ୍ୱାସନୀୟ ଆକଳନ ପ୍ରଦାନ କରିବା ଉଚିତ୍ ।

ଆଶାର ଅଭିଜ୍ଞତା ସୂଚିତ କରୁଛି ଯେ, ଏକ ପି.ସି.ର ପ୍ରକୃତ ଚ୍ୟାଲେଞ୍ଜ ହେଉଛି ପ୍ରାରମ୍ଭିକସ୍ତରରେ ଆବଶ୍ୟକ ହେଉଥିବା କାର୍ଯ୍ୟକାରୀ ପୁଞ୍ଜି ଯୋଗାଡ଼ ।

ନିମ୍ନବର୍ଣ୍ଣିତଗୁଡ଼ିକ ହେଉଛି ତା'ର କାରଣ –

◊ କୌଣସି ଆର୍ଥିକ ଅନୁଷ୍ଠାନ ପାଇଁ ପି.ସି. ଏକ ବାଣିଜ୍ୟିକ ଅସ୍ତିତ୍ୱ । ସେଥିପାଇଁ ସେମାନେ ପି.ସି.ଠାରୁ କିଛି ନିର୍ଦ୍ଦିଷ୍ଟ ଧାର(ମାର୍ଜିନ୍ ମନି) ଅର୍ଥ ଯୋଗଦାନ ଚାହିଁଥାନ୍ତି । ଆର୍ଥିକ ଅସୁବିଧା ଯୋଗୁଁ ଏହା ଯୋଗାଡ଼ କରିବାରେ ପି.ସି. ଅସୁବିଧାର ସମ୍ମୁଖୀନ ହୋଇଥାଏ ।

◊ ପି.ସି.ଗୁଡ଼ିକୁ ଋଣ ପାଇଁ ଆନୁଷଙ୍ଗିକ ପ୍ରଦାନ କରିବାକୁ ପଡେ ଯାହାକି ସେମାନଙ୍କ ଭଳି ଏକ ନୂଆ ବ୍ୟବସାୟ କରିବାକୁ ଯାଉଥିବା ଅସ୍ତିତ୍ୱ ପାଇଁ ଆଉ ଏକ ସମସ୍ୟା ।

◊ ପ୍ରାରମ୍ଭିକସ୍ତରରେ ପି.ସି.ର ସଫଳ ବ୍ୟବସାୟ ସମ୍ବନ୍ଧୀୟ ବିଶ୍ୱାସପତ୍ର ନଥିବାରୁ ଆର୍ଥିକ ଅନୁଷ୍ଠାନଗୁଡିକ ଅର୍ଥ ଯୋଗାଇ ଦେବାକୁ ଅନିଚ୍ଛୁକ ହୋଇଥାନ୍ତି ।

ତେବେ ଏହିସବୁ ପ୍ରାରମ୍ଭିକ ଆହ୍ୱାନକୁ ପାରକରିବା ପାଇଁ ଆଶା ପ୍ରୋତ୍ସାହିତ

promoted by ASA, have followed a different business model in the initial couple of years before they have generated reserves and credentials. They were:

- ◊ The PCs ventured into a business, which required less or no working capital. Four such examples are given here.
- ◊ The business of supplying agriculture inputs like seeds and fertilizers to its members and also non-members. The PCs in this case had taken dealership of seeds and fertilizers from the public and private companies and worked as commission agents on behalf of those companies in supplying materials to the members and also non-members on cash. Because of the large scale of business the PCs could make a good margin and not the least a business relationship with those companies which resulted in getting credit limit from those companies in the subsequent years.
  - ◊ Similar experience was in the case of procurement of agricultural produce as a business model, when the PCs identified the prospective buyers and arranged buy back guarantee from them. As the produce was sold at the farm gate level no transportation and storage cost were involved at the PC level. The PCs ensured a transparent transaction between the buyers and the sellers (members and non-members both) and by doing so they earned some margin from the buyers.
  - ◊ Many PCs took the advantage of GoI's scheme which provide loan against the pledging of Warehouse Receipts (WHR). As per the scheme, the bankers extend loan up to 80% of the value of the produce against the pledging of the WHR. This does not require any collateral. This was mainly used for the seed production activity when the PCs had to store the raw seeds for over six months. The seed was produced by the members and payments were made in two installments – a) 80% of the payment at the time of procurement and b) 20% after receiving the sales proceeds. Since this activity generates about 25-30% profit margin the PCs could declare in advance a good premium to the seed producers for which the producers agreed to receive late payment of balance 20%.
  - ◊ PCs took the dealership from various companies for agriculture implements like water pump sets, mechanized plough, tractor etc, which they sold to the members at a reasonable price and earned a good margin of profit/commission. There was no need to stock those materials. Implements were supplied on demand.

From the above examples the key learning that can be drawn are:

- ◊ Choose those business activities in the initial years which require very less capital or no capital and which are risk free. Normally in trading business activities such opportunity exists. The point to be noted that majority of the middlemen in the agribusiness invest very little capital of their own.
- ◊ It is important for the PCs to demonstrate success as quickly as possible to build credibility with the shareholders and other shareholders. It is imperative therefore for the PC to start with something small and undertake such activities which are low in risk and not so complicated from the management perspectives.
- ◊ Demonstration of fair trade practices is very important for the PC which is appreciated by both the members and the trade and industry with whom PC does the business.

## 3.2 MANAGEMENT AND OFFICE ADMINISTRATION COSTS

It is not compulsory for a PC to appoint a team of professional to look after its day to day business. They can do it themselves. However, from the experience it is seen that for the PC to emerge as a profit making entity the role of professional managers cannot be ignored. The most successful example is the dairy cooperatives in India where professional managers have contributed immensely to make it a success. There are many other successful examples of using professional management viz. ASA's producer companies, PRADAN promoted poultry and Tasar cooperatives etc. Not only for business development but the value of professionals is immense in democratising the farmer's organisation and strengthening its governing system.

However, how many professionals are required is completely a matter of context and discretionary.

[17] It is mandatory as per article 581W of Producer Companies Act.

ପି.ସି.ଗୁଡିକ ପ୍ରାରମ୍ଭିକ ବର୍ଷମାନଙ୍କରେ ସଂଚିତ ପାଣ୍ଠି ଓ ବିଶ୍ୱସନୀୟତା ଉତ୍ପନ୍ନ କରିବା ପୂର୍ବରୁ ଭିନ୍ନ ବ୍ୟାବସାୟିକ ଆଦର୍ଶ ଅନୁସରଣ କରନ୍ତି। ସେଗୁଡ଼ିକ ହେଲା;

◊ ସାମାନ୍ୟ ବା ବିନା କାର୍ଯ୍ୟକାରୀ ପୁଞ୍ଜିରେ ବ୍ୟବସାୟ କରିବାର ସାହସ କରିଥିବା ପି.ସି. । ସେଭଳି ୪ଟି ଉଦାହରଣ ଏଠାରେ ଦିଆଗଲା।

◊ ଏହାର ସଦସ୍ୟ ଓ ଅଣ ସଦସ୍ୟଙ୍କୁ କୃଷି ସାମଗ୍ରୀ ଯୋଗାଣ ବ୍ୟବସାୟ ଯଥା ବୀଜ ଓ ସାର । ପି.ସି.ମାନେ ସେହି କ୍ଷେତ୍ରରେ ଘରୋଇ ଓ ସରକାରୀ କଂପାନୀମାନଙ୍କଠାରୁ ବୀଜ ଓ ସାର ଡିଲରସିପ୍ ନେଲେ ଏବଂ ସେମାନେ କମିଶନ ଏଜେଣ୍ଟ ଭାବେ କମ୍ପାନି ତରଫରୁ ସଦସ୍ୟ ଓ ଅଣସଦସ୍ୟମାନଙ୍କୁ ନଗଦ ମୂଲ୍ୟ ନେଇ ସାମଗ୍ରୀ ଯୋଗାଣ କଲେ। ବିପୁଳ ପରିମାଣର ବ୍ୟବସାୟ ହେଉଥିବାରୁ ପି.ସି.ଗୁଡିକ ମଧ୍ୟ ଭଲ ଲାଭ ପାଇଲେ ଓ ସମ୍ପୃକ୍ତ କମ୍ପାନିମାନଙ୍କ ସହ ବ୍ୟାବସାୟିକ ସଂପର୍କ ସୃଷ୍ଟି ହେଲା ଯାହାଦ୍ୱାରା ପରବର୍ତ୍ତୀ ବର୍ଷମାନଙ୍କର ସେହି କଂପାନୀଙ୍କଠାରୁ ଋଣସୀମା ଉପଲବ୍ଧ ହୋଇପାରିଲା।

  ◊ ଏହିଭଳି ଏକ ଅଭିଜ୍ଞତା ହେଉଛି କୃଷି ସାମଗ୍ରୀ ସଂଗ୍ରହକୁ ଏକ ବ୍ୟବସାୟ ଆଦର୍ଶ ଭାବେ ନେବା। ଯେତେବେଳେ ପି.ସି.ଗୁଡିକ ପ୍ରତ୍ୟାଶିତ କ୍ରେତା ଚିହ୍ନଟ କରି ସେମାନଙ୍କଠାରୁ କ୍ରୟ ଫେରସ୍ତ (ବାଇ ବ୍ୟାକ୍) ଗ୍ୟାରେଣ୍ଟି ନିଅନ୍ତି। କୃଷିକ୍ଷେତ୍ର ଦ୍ୱାରରେ ଉତ୍ପାଦ ବିକ୍ରି ହେଉଥିବାରୁ ପି.ସି. ସ୍ତରରେ କୌଣସି ପରିବହନ ବା ଭଣ୍ଡାରଣ ଖର୍ଚ୍ଚ ପଡେନାହିଁ। ପି.ସି. କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ସ୍ୱଚ୍ଛ ନେଣଦେଣ ସୁନିଶ୍ଚିତ କରିଥାଏ (ଉଭୟ ସଦସ୍ୟ ଓ ଅଣସଦସ୍ୟ) ଏବଂ ଏଭଳି କରି ସେମାନେ କ୍ରେତାଙ୍କଠାରୁ କିଛି ଅର୍ଥ ଲାଭ କରିଥାନ୍ତି।

  ◊ ଜିଓଆଇ ସ୍କିମ୍‌ରୁ ଅନେକ ପି.ସି. ଫାଇଦା ପାଇଛନ୍ତି। ଏହି ସ୍କିମ୍‌ରେ ୱେରହାଉସ୍ ରସିଦ (ଡବ୍ଲ୍ୟୁଏଚ୍ଆର୍) ବନ୍ଧକରେ ଋଣ ମିଳିଥାଏ। ଏହି ସ୍କିମ୍ ଅନୁଯାୟୀ ଡବ୍ଲ୍ୟୁଏଚ୍ଆର୍ ବନ୍ଧକ ରଖି ବ୍ୟାଙ୍କ ଉତ୍ପାଦ ମୂଲ୍ୟର ୮୦% ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରିଥାନ୍ତି। ଏଠି କୌଣସି ଆନୁଷଙ୍ଗିକର ଆବଶ୍ୟକତା ପଡିନଥାଏ। ଏହା ମୁଖ୍ୟତଃ ବୀଜ ଉତ୍ପାଦନ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ଯେତେବେଳେ ପି.ସି. ବୀଜକୁ ୬ମାସ ଧରି ଗଚ୍ଛିତ କରିରଖିଥାନ୍ତି। ସଦସ୍ୟଙ୍କ ଦ୍ୱାରା ବୀଜ ଉତ୍ପାଦନ ହୋଇଥାଏ ଏବଂ ୨ଟି କିସ୍ତିରେ ଅର୍ଥ ପ୍ରଦାନ କରାଯାଇଥାଏ। (ବ) ସଂଗ୍ରହ ବେଳେ ୮୦% ଅର୍ଥ ପ୍ରଦାନ କରାଯାଏ ଏବଂ (ଭ) ୨୦% ବିକ୍ରି ଆୟ ପ୍ରାପ୍ତ ହେଲା ପରେ। ଏହି କାର୍ଯ୍ୟକଳାପରେ ୨୫-୩୦% ଲାଭ ମିଳୁଥିବାରୁ ବୀଜ ଉତ୍ପାଦନକାରୀଙ୍କୁ ପି.ସି.ଗୁଡିକ ଆଗୁଆ ଉତ୍ତମ ପାରିତୋଷିକ ଘୋଷଣା କରିଥାନ୍ତି। ଫଳରେ ୨୦% ଅର୍ଥ ବିଳମ୍ବରେ ପାଇବାରେ ଉତ୍ପାଦକମାନେ ରାଜି ହୋଇଥାନ୍ତି।

  ◊ ବିଭିନ୍ନ କୃଷି ଉପକରଣ କମ୍ପାନି ଯଥା – ପାଣି ପମ୍ପ ସେଟ୍, ଯାନ୍ତ୍ରିକ ଲଙ୍ଗଳ, ଟ୍ରାକ୍ଟର ଆଦିର ଡିଲରସିପ୍ ପି.ସି. ନିଅନ୍ତି। ଏହାକୁ ସେମାନେ ସଦସ୍ୟଙ୍କୁ ଉଚିତ ମୂଲ୍ୟରେ ବିକ୍ରି କରି ଭଲ ଲାଭ/ କମିଶନ ପାଇଥାନ୍ତି। ଏହି ସାମଗ୍ରୀକୁ ଗଚ୍ଛିତ କରି ରଖିବାର ଆବଶ୍ୟକତା ନଥାଏ। ପ୍ରୟୋଜନ ବେଳେ ଉପକରଣ ଯୋଗାଣ ହୋଇଥାଏ।

ଉପରୋକ୍ତ ଉଦାହରଣରୁ ପ୍ରମୁଖ ଶିକ୍ଷା ଆହରଣ କରାଯାଇପାରେ ଯେ-

◊ ପ୍ରାରମ୍ଭିକ ବର୍ଷଗୁଡିକରେ ଏଭଳି ବ୍ୟାବସାୟିକ କାର୍ଯ୍ୟ ଚୟନ କର ଯେଉଁଥିରେ ବହୁତ କମ୍ ପୁଞ୍ଜି ବା ପୁଞ୍ଜିର ଆବଶ୍ୟକତା ପଡୁନଥିବ ଓ କୌଣସି ସଂକଟ ନଥିବ। ସାଧାରଣତଃ କିଣାବିକା(ଟ୍ରେଡିଂ) ବ୍ୟବସାୟରେ ଏଭଳି ସୁଯୋଗ ରହିଥାଏ। ଏକଥା ମନେରଖିବାକୁ ହେବଯେ, କୃଷି ବ୍ୟବସାୟରେ ବହୁ ମଧ୍ୟସ୍ଥି ନିଜର ଖୁବ୍ ସ୍ୱଳ୍ପ ପୁଞ୍ଜି ବିନିଯୋଗ କରିଥାନ୍ତି।

◊ ପି.ସି. ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଅଂଶୀଦାର ଓ ଅନ୍ୟାନ୍ୟ ତୃତୀୟ ପକ୍ଷଙ୍କ ନିକଟରେ ବିଶ୍ୱାସନୀୟତା ସୃଷ୍ଟି କରିବା ପାଇଁ ଯେତେଶିଘ୍ର ସମ୍ଭବ ସଫଳତା ପ୍ରଦର୍ଶନ କରିବା ଦରକାର। ତେଣୁ ପି.ସି. ପାଇଁ ଏହା ଅତ୍ୟାବଶ୍ୟକ ଯେ ଏହା ସ୍ୱଳ୍ପରୁ ଆରମ୍ଭ କରିବ ଓ ଏପରି କାର୍ଯ୍ୟକଳାପ ଗ୍ରହଣ କରିବ ଯେଉଁଥିରେ ସ୍ୱଳ୍ପ ସଂକଟ ଓ ପରିଚାଳନା ଦୃଷ୍ଟିକୋଣରୁ ବିଶେଷ ଜଟିଳ ନଥିବ।

◊ ପି.ସି. ପାଇଁ ସ୍ୱଚ୍ଛ ବାଣିଜ୍ୟ ଅଭ୍ୟାସ ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ଯାହାକି ଉଭୟ ସଦସ୍ୟ ଓ ବାଣିଜ୍ୟ ଏବଂ ଶିଳ୍ପ ଜଗତ ଯାହା ସହିତ ପି.ସି. ବ୍ୟବସାୟ କରୁଥିବ, ସେଠାରୁ ପ୍ରଶଂସା ମିଳୁଥିବ।

## ୩.୨ ପରିଚାଳନା ଓ କାର୍ଯ୍ୟାଳୟ ପ୍ରଶାସନ ଖର୍ଚ୍ଚ

